Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 6
Tuesday, 10 March 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୧୦ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଇରାନ ଯୁଦ୍ଧକୁ ନେଇ ସଂସଦର ଉଭୟ ସଦନରେ ହଙ୍ଗାମା

ନୂଆଦିଲ୍ଲୀ, ୯/୩(ନ୍ୟୁ.ଏ): ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନ ଇରାନ ଯୁଦ୍ଧକୁ ନେଇ ସଂସଦର ଉଭୟ ଗୃହରେ ବିରୋଧୀଙ୍କ ପ୍ରବଳ ହୋହଲ୍ଲା ଦେଖିବାକୁ ମିଳିଛି । ସୋମବାର ଲୋକସଭାର କାର୍ଯ୍ୟତାଲିକାରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରାଯିବାକୁ ପାଖାପାଖି ୩ ଘଂଟା ସମୟ ଦିଆଯାଇଥିଲା । ଶାସକ ଦଳ ପକ୍ଷରୁ ୩ ଜଣ ଓ ବିରୋଧୀ ପକ୍ଷରୁ ୩ ସାଂସଦ ଆଲୋଚନାରେ ଭାଗ ନେବାକୁ ସ୍ଥିର ହୋଇଥିଲା । କିନ୍ତୁ ଆଲୋଚନା ହୋଇପାରି ନ ଥିଲା । ମଙ୍ଗଳବାର ବାଚସ୍ପତିଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ନେଇ ୧୦ ଘଂଟା ଧରି ଆଲୋଚନା ହେବ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବିତର୍କ ଆରମ୍ଭ କରିବେ । ବିରୋଧୀ ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧକୁ ନେଇ ଚର୍ଚ୍ଚା ଦାବି କରି ଜୋରଦାର ହଙ୍ଗାମା କରିଥିଲେ । ଯୁଦ୍ଧ ଯୋଗୁ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସ୍ଥିତି ଓ ଭାରତ ଉପରେ ତା'ର ପ୍ରଭାବ ଉପରେ ଚର୍ଚ୍ଚା କରିବାକୁ ବିରୋଧୀ ଦାବି କରିଥିଲେ । ଅପରପକ୍ଷେ ବିରୋଧୀ ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବାବେଳେ ସରକାର ଏହା ଉପରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ । ବିରୋଧୀ ଇରାନରେ ଯୁଦ୍ଧସ୍ଥିତି ନେଇ ପ୍ରସ୍ତାବ ଆଣିଥିବାବେଳେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଏହାର ଜବାବ ରଖିଥିଲେ । ଏହାପରେ ଲୋକସଭା ମଙ୍ଗଳବାର ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ବିଦେଶ ମନ୍ତ୍ରୀ ପ୍ରଥମେ ରାଜ୍ୟସଭା ଓ ପରେ ଲୋକସଭାରେ ଉପସ୍ଥାପରାୟ ଦେଶରୁ ଭାରତୀୟଙ୍କୁ ଫେରାଇ ଆଣିବା ଓ ଶକ୍ତି ସଂକଟକୁ ନେଇ ସରକାରଙ୍କ ପ୍ରସ୍ତୁତି ସମ୍ପର୍କରେ କହିଥିଲେ । ଜୟଶଙ୍କର ଗୃହକୁ ଜଣାଇଥିଲେ ଯେ, ଯୁଦ୍ଧ ସମୟରେ ଇରାନର ନେତୃତ୍ୱ ସହିତ ସମ୍ପର୍କ ସ୍ଥାପନ କରିବା କଷ୍ଟକର, କିନ୍ତୁ ଭାରତ ଶାନ୍ତି ଓ ଆଲୋଚନା ସପକ୍ଷରେ ରହିଛି । ଗୃହସଦସ୍ୟଙ୍କୁ ଜୟଶଙ୍କର ସମ୍ବୋଧିତ କରୁଥିବାବେଳେ ବିରୋଧୀ କକ୍ଷତ୍ୟାଗ କରିଥିଲେ । ଲୋକସଭାରେ ମଧ୍ୟ ଜୟଶଙ୍କରଙ୍କ ସମ୍ବୋଧନ ବେଳେ ବିରୋଧୀ ଆମେ ଚର୍ଚ୍ଚା ଚାହୁଁଛୁ ବୋଲି ନାରା ଲଗାଇବା ସହିତ ଖୁବ୍ ହୋହଲ୍ଲା କରିଥିଲେ । ଅଧ୍ୟକ୍ଷଙ୍କ ବାରମ୍ବାର ମନା କରିବା ପରେ ମଧ୍ୟ ବିରୋଧୀ ସାଂସଦ ଶାନ୍ତ ହୋଇ ନ ଥିଲେ । ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ସଂସଦରେ କହିଥିଲେ, ପଶ୍ଚିମ ଏସିଆରେ ପ୍ରାୟ ଏକ କୋଟି ଭାରତୀୟ ରହୁଛନ୍ତି ଓ କାମ କରୁଛନ୍ତି । ମଧ୍ୟପ୍ରାଚ୍ୟରେ ବର୍ତମାନ ଚାଲିଥିବା ସଂଘର୍ଷ ଭାରତ ପାଇଁ ଚିନ୍ତାର ବିଷୟ । ଆମ ପଡ଼ୋଶୀ, ପଶ୍ଚିମ ଏସିଆରେ ସ୍ଥିରତା ବଜାୟ ରଖିବା ଆମର ଦାୟିତ୍ୱ । ଜୟଶଙ୍କର କହିଥିଲେ, ଇରାନରେ ମଧ୍ୟ ଭାରତୀୟ ରହି ପାଠ ପଢୁଛନ୍ତି କିମ୍ବା ଚାକିରି କରୁଛନ୍ତି । ଏହି କ୍ଷେତ୍ର ଆମ ଶକ୍ତି ସୁରକ୍ଷା ପାଇଁ ଜରୁରୀ ଓ ଏହା ଆମର ତୈଳ ଓ ଗ୍ୟାସ ଯୋଗାଣ ଏଠାରୁ ହେଉଛି । ଯୋଗାଣ ଶୃଙ୍ଖଳରେ ବାଧା ଓ ଅସ୍ଥିରତା ଗମ୍ଭୀର ପ୍ରସଙ୍ଗ । ଏହି ଯୁଦ୍ଧରେ ଆମେ ଦୁଇ ଭାରତୀୟ ନାବିକଙ୍କୁ ହରାଇଛୁ । ଏବେ ବି ଜଣେ ନିଖୋଜ ଅଛନ୍ତି । ମୁମ୍ବାଇସ୍ଥିତ ସିପିଜି ଡାଇରେକ୍ଟୋରେଟ୍ କେନେରାଲ ୧୪ ଜାନୁଆରିରେ ଭାରତୀୟ ନାବିକଙ୍କୁ ଦୃତାବାସର ପରାମର୍ଶ ମାନିବା ଓ କୁଜକୁ ଅନାବଶ୍ୟକ ଯାତାୟାତ ନ କରିବାକୁ କହିଥିଲେ । ପଶ୍ଚିମ ଏସିଆରୁ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ପୁରା ତତ୍ପର କରାଯାଇଛି । ୮ ମାର୍ଚ୍ଚ ସୁଦ୍ଧା ପାଖାପାଖି ୬୭,୦୦୦ ନାଗରିକ ଆନ୍ତର୍ଜାତିକ ସୀମା ପାର କରିସାରିଛନ୍ତି । ଯୁଦ୍ଧ ନିରାଡାର ବଢ଼ିବାରେ ଲାଗିଛି । ଏହି ଅଂଚଳରେ ସୁରକ୍ଷା ସ୍ଥିତି ସମ୍ପূର୍ଣ୍ଣ ଖରାପ ହୋଇଯାଇଛି । ଯୁଦ୍ଧ ଅନ୍ୟ ଦେଶକୁ ବ୍ୟାପିଯାଇଛି ବୋଲି ଜୟଶଙ୍କର କହିଥିଲେ । ଏହାଦ୍ୱାରା ବ୍ୟାପକ କ୍ଷୟକ୍ଷତି ସହିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଇସ୍ରାଏଲ-ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧରେ କେତେକ ଉପସାଗରୀୟ ଦେଶ ଉପରେ ଆକ୍ରମଣ ହୋଇଛି । ଇରାନର ନେତୃବର୍ଗର ଜିଛି ଲୋକଙ୍କ ମୃତ୍ୟୁ ହୋଇଛି । ଏହାସହିତ ଭିତିଭୂମି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ସମୟରେ ଇରାନ ସହିତ ନେତୃତ୍ୱସ୍ତରରେ ସଂଯୋଗ ସ୍ଥାପନ କରିବା ଖୁବ୍ ଜରୁରୀ ।

ଏଲପିଜି ବୁକିଂ ଅବଧି ୨୧ରୁ ୨୫ ଦିନକୁ ବୃଦ୍ଧି

ନୂଆଦିଲ୍ଲୀ, ୯/୩(ନ୍ୟୁ.ଏ): ଘରୋଇ ଏଲପିଜି ସିଲିଣ୍ଡର ବୁକିଂର ସର୍ବନିମ୍ନ ସମୟସୀମାକୁ ସରକାର ବୃଦ୍ଧି କରିଛନ୍ତି । ପୂର୍ବରୁ ଜଣେ ଗ୍ରାହକ ୨୧ ଦିନ ପରେ ଦ୍ୱିତୀୟ ସିଲିଣ୍ଡର ବୁକିଂ କରିବାର ଅଧିକାର ପାଇଥିଲେ । ଏବେ ଏହାକୁ ସରକାର ୨୫କୁ ବୃଦ୍ଧି କରି ଦେଇଛନ୍ତି । ମଧ୍ୟପ୍ରାଚ୍ୟରେ ଚାଲି ରହିଥିବା ଘମାଘୋଟ ଯୁଦ୍ଧ ମଧ୍ୟରେ ଲୋକମାନେ ଅଧିକ ମାତ୍ରାରେ ବୁକିଂ କରୁଛନ୍ତି । ଏହାଦ୍ୱାରା କଳାବଜାରୀ ବଢ଼ିବାର ଆଶଙ୍କା ରହିଛି । ସେହିପରି ମାର୍କେଟରେ ଅପ୍ରାକୃତିକ ଭାବେ ଏଲପିଜି ସିଲିଣ୍ଡରର ସଙ୍କଟ ସୃଷ୍ଟି ହୋଇପାରେ । ଏଥିପାଇଁ ସରକାର ବୁକିଂ ଅବଧିକୁ ୨୫କୁ ବୃଦ୍ଧି କରିଥିବା ଜଣାପଡ଼ିଛି । ଯୁଦ୍ଧ ଯୋଗୁ ଗ୍ରାହକଙ୍କ ମଧ୍ୟରେ ଅସ୍ୱାଭାବିକ ଭାବେ ବୁକିଂ ପ୍ରକ୍ରିୟା ଦେଖିବାକୁ ମିଳିଥିଲା । ଯେଉଁ ଉପଭୋକ୍ତାମାନେ ସାଧାରଣତ ୫୫ ଦିନରେ ଥରେ ବୁକିଂ କରୁଥିଲେ ଏବେ ସେମାନେ ୧୫ ଦିନ ମଧ୍ୟରେ ଗ୍ୟାସ ପାଇଁ ବୁକିଂ କରୁଛନ୍ତି । ସେମାନେ ଅଧିକ ମାତ୍ରାରେ ଗ୍ୟାସ ସଂରକ୍ଷିତ କରି ରଖିବାର ଆଶଙ୍କା ଥିବାରୁ ସରକାର ଏପରି ପଦକ୍ଷେପ ନେଇଛନ୍ତି । ବୁକିଂ ସମୟସୀମାରେ ସଂଶୋଧନ କରି ସରକାର ସିଲିଣ୍ଡର ବଂଟନରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖିଛନ୍ତି । ସମାନ ସମୟରେ ସରକାର ଦେଶର ରିଫାଇନାରୀମାନଙ୍କୁ ଏଲପିଜି ଉତ୍ପାଦନ ବୃଦ୍ଧି କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ବିଶେଷରେ କରି ଘରୋଇ ଏଲପିଜି ସିଲିଣ୍ଡର ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେବାକୁ କମ୍ପାନୀଗୁଡ଼ିକୁ କୁହାଯାଇଛି । ଯୋଗାଣରେ ସ୍ଥିରତା ଆଣିବା ପାଇଁ ସରକାର ଅତିରିକ୍ତ ଭାବେ ଆମଦାନୀ ବିଳମ୍ବ କଥା ମଧ୍ୟ ଚିନ୍ତା କରୁଛନ୍ତି । ଆଲଜେରିଆ, ଅଷ୍ଟ୍ରେଲିଆ, କାନାଡା ଓ ନରୱେ ଭଳି ଦେଶ ସହ ଏଲପିଜି ପାଇଁ ସରକାର ଯୋଗାଯୋଗରେ ଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଯୁଦ୍ଧ ମଧ୍ୟରେ ସରକାର ଦେଶବାସୀଙ୍କୁ ବଡ଼ ଆଶ୍ୱସନା ମଧ୍ୟ ଦେଇଛନ୍ତି । ପେଟ୍ରୋଲ ଓ ଡିଜେଲ ସମସ୍ତେ ସମସ୍ତ ପ୍ରକାରର ତେଲର ଅଭାବ ବର୍ତମାନ ସୁଦ୍ଧା ସୃଷ୍ଟି ହୋଇନାହିଁ । କୌଣସି ପେଟ୍ରୋଲ ପମ୍ପରେ ତେଲର ସଙ୍କଟ ଦେଖାଯାଇନି । ଏହାବାଦ ଅଶୋଧିତ ତୈଳ ବର ବୃଦ୍ଧି ପାଇଥିଲେ ହେଁ ଦେଶରେ ଏବେ ପେଟ୍ରୋଲ କିମ୍ବା ଡିଜେଲ ବର ବଢ଼ିବ ନାହିଁ ବୋଲି ସରକାର କହିଛନ୍ତି ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ : ବଢିଲା ରିଫାଇନ୍ ଓ ପାମୋଲିନ୍ ତେଲ ବର

ଭୁବନେଶ୍ୱର, ୯/୩ (ଆ.ପ୍ର) : ମଧ୍ୟପ୍ରାଚ୍ୟରେ ଚାଲୁଛି ଯୁଦ୍ଧ । ଖାଇବା ତେଲ ଆମଦାନୀ ନେଇ ବଢିଲା ଚିନ୍ତା । ବଢିଲା ରିଫାଇନ୍ ଓ ପାଲିନ୍ ତେଲ ବର । ତୈଳ ବର ବୃଦ୍ଧି ନେଇ ଓଡ଼ିଶା ବ୍ୟବସାୟୀ ମହାସଙ୍ଘ ସମ୍ପାଦକ ସୁଧାକର ପଣ୍ଡା ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶା ମାର୍କେଟ୍ ରେ ଦୈନିକ ହଜାରେ ରୁ ୧୨୦୦ ଟନ୍ ରିଫାଇନ୍ ଓ ପାମଲିନ ତେଲର ଆବଶ୍ୟକତା ରହିଛି । ବର୍ତମାନ ଓଡ଼ିଶାରେ ୧୫ ରୁ ୨୦ ଦିନ ପାଇଁ ତେଲ ମହଜୁଦ ଅଛି । ଆଗାମୀ ଦିନରେ ଏହା କମିଯାଇ ପାରେ । ଯେଉଁମାନେ ବାହାର ଦେଶରୁ ଆମଦାନୀ କରୁଛନ୍ତି ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦେଶ ଦେଶ ଭିତରେ ଯୁଦ୍ଧ ପାଇଁ ତୈଳ ଆମଦାନୀ ଉପରେ ସିଧାସଳଖ ପ୍ରଭାବ ପଡ଼ିଛି । ଓଡ଼ିଶା ବ୍ୟବସାୟୀ ମହାସଙ୍ଘ ସମ୍ପାଦକ ପୁଣି କହିଛନ୍ତି ଯେ, ରିଫାଇନ ତେଲ ବିଶେଷ କରି ସନଫ୍ଲାୱାର ତେଲରେ ଲିଟର ପିଛା ୫ ଟଙ୍କା ବୃଦ୍ଧି ହୋଇଛି । କେନ୍ଦ୍ର ସରକାର ଆମଦାନୀ ଜମ୍ପାନୀ ଉପରେ ତୀକ୍ଷଣ ନଜର ରଖିବା ଦରକାର । ଏହା ସହ ସରକାର କଳାବଜାର ଉପରେ ଧ୍ୟାନ ଦେବା ଦରକାର । ବର୍ତମାନ ପାଇଁ ତେଲ ମହଜୁଦ ଅଛି । ଭୟଭୀତ ହେବାର ଆବଶ୍ୟକତା ନାହିଁ । ହେଲେ ଅଧିକ ଦିନ ଯୁଦ୍ଧ ଚାଲିଲେ ଏହାର ପ୍ରଭାବ ପଡ଼ିବ । ତେବେ ରିଫାଇନ୍ ତେଲ ଛାଡ଼ିଦେଲେ ସୋରିଷ, ବାଦାମ ତେଲ ପ୍ରଚୁର ଅଛି । ଏହାର ଦାମ୍ ମଧ୍ୟ କମ୍ ଅଛି ।

ଦେଶର ପ୍ରଥମ 'ରିଙ୍ଗ ମେଟ୍ରୋ' ସେବା ଆରମ୍ଭ

ନୂଆଦିଲ୍ଲୀ, ୯/୩(ନ୍ୟୁ.ଏ): ଭାରତୀୟ ପରିବହନ କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ନୂଆ ମାଇଲଖୁଣ୍ଟ । ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ମେଟ୍ରୋର ଦୁଇଟି ନୂଆ କରିଡରକୁ ଉଦ୍‌ଘାଟନ କରିବା ସହ ଦେଶର ପ୍ରଥମ 'ରିଙ୍ଗ୍ ମେଟ୍ରୋ'ର ଶୁଭାରମ୍ଭ କରିଛନ୍ତି । ଏହି ନୂତନ ସେବା ଦ୍ୱାରା ରାଜଧାନୀରେ ଯାତାୟାତ ବ୍ୟବସ୍ଥା ଆହୁରି ସହଜ ଓ ସୁଗମ ହେବ । ପିଙ୍କ୍ ଲାଇନରେ ମଜଲିସ୍ ପାର୍କରୁ ମୌଜପୁର-ବାବରପୁର ମଧ୍ୟରେ ୧୨.୩୩ କିମିର ନୂଆ ରୁଟ୍ କାର୍ଯ୍ୟକ୍ଷମ ହୋଇଛି । ଏହାପରେ ପିଙ୍କ୍ ଲାଇନ୍ ଏକ ସମ୍ପୂର୍ଣ୍ଣ ଗୋଲାକାର ପଥରେ ପରିଣତ ହୋଇଛି, ଯାହାର ମୋଟ ଲମ୍ବ ପ୍ରାୟ ୭୧.୫୬ କିଲୋମିଟର । ଏହି ରୁଟରେ ଯମୁନା ନଦୀ ଉପରେ ଏକ ନୂଆ ମେଟ୍ରୋ ବ୍ରିଜ୍ ନିର୍ମାଣ କରାଯାଇଛି । ଏହି କରିଡରର ଏକ ବିଶେଷତ୍ୱ ହେଉଛି 'ଡବଲ୍-ଡେକର୍ ଲାୟାଡକ୍ଟ', ଯେଉଁଥିରେ ଗୋଟିଏ ସ୍ତରରେ ମେଟ୍ରୋ ଟ୍ରେନ୍ ଚାଲିବ ଏବଂ ତା' ତଳେ ଗାଡ଼ି ଚଳାଚଳ ପାଇଁ ରୋଡ୍ ଫ୍ଲାଇଓଭର୍ ରହିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମେଟ୍ରୋ ଏବଂ ଗୃହ ନିର୍ମାଣ ସହ ଜଡିତ ପ୍ରାୟ ୩୩,୫୦୦ କୋଟି ଟଙ୍କାର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପିଙ୍କ୍ ଲାଇନର ଏହି ନୂଆ ସେକ୍ସନରେ ୮ଟି ଏଲିଭେଟେଡ୍ ଷ୍ଟେସନ ରହିଛି । ସେଗୁଡ଼ିକ ହେଲା: ମଜଲିସ୍ ପାର୍କ, ବୁରାରୀ, ଝରୋଦା ମାଜରା, ଜଗତପୁର-ଝାଜିରାବାଦ, ସୁରଘାଟ, ନାନକସରା-ସୋନିଆ ବିହାର, ଖଜୁରୀ ଖାସ୍, ଭଜନପୁରା, ଯମୁନା ବିହାର ଏବଂ ମୌଜପୁର-ବାବରପୁର । ପିଙ୍କ୍ ଲାଇନ୍ ବ୍ୟତୀତ ମାଜେଂଟା ଲାଇନର ଦୀପାଲି ଚୌକରୁ ମଜଲିସ୍ ପାର୍କ ପର୍ଯ୍ୟନ୍ତ ୯.୯ କିଲୋମିଟର ବିଶିଷ୍ଟ କରିଡରକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଉ ୩ଟି ନୂଆ ମେଟ୍ରୋ ଲାଇନର ଶିଳାନ୍ୟାସ କରିଛନ୍ତି, ଯାହା ନୋଏଡ଼ା, ଦକ୍ଷିଣ ଦିଲ୍ଲୀ ଏବଂ ଏୟାରପୋର୍ଟକୁ ଯୋଡ଼ିବ । ଆର.କେ ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ, ଏରୋସିଟିରୁ ଆଇଜିଆଇ ଟର୍ମିନାଲ୍-୧ ଏବଂ ତୁଗଲକାବାଦରୁ କାଳିନ୍ଦୀ କୁଞ୍ଜ । ପ୍ରଧାନମନ୍ତ୍ରୀ ଦୀପାଳି ଚୌକ୍-ମଜଲିସ୍ ପାର୍କ ଜଡିତରର ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ମାଜେଂଟା ଲାଇନର ଲମ୍ବ ପ୍ରାୟ ୪୯ କିଲୋମିଟରରେ ପହଂଚିଛି । ଏହି ସମ୍ପୂର୍ଣ୍ଣାରିତ ଅଂଶରେ ମଧୁବନ ଚୌକ୍, ହାଜଦରପୁର ବାଉଲି ମୋଡ୍ ଏବଂ ଭାଲସ୍ୱା ଭଳି ୭ଟି ଗୁରୁତ୍ୱପୂର୍ଣ୍ଣ ଏଲିଭେଟେଡ୍ ଷ୍ଟେସନ ରହିଛି । ମେଟ୍ରୋ ବ୍ୟତୀତ ପ୍ରଧାନମନ୍ତ୍ରୀ ସରକାରୀ କର୍ମଚାରୀଙ୍କ ପାଇଁ ଏକଜଳ (General Pool Residential Accommodation) ଯୋଜନାରେ ନିର୍ମିତ ୨,୭୨୨ଟି ନୂତନ ଫ୍ଲାଟର ଉଦ୍‌ଘାଟନ କରିଛନ୍ତି । ଏଥିସହ ପ୍ରାୟ ୫୩୭ ଏକର ପରିମିତ ଅଂଚଳରେ ୬,୬୩୨ଟି ଅତିରିକ୍ତ ଫ୍ଲାଟ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସରୋଜିନୀ ନଗର, ନେତାଜୀ ନଗର, କଷ୍ଟୁରବା ନଗର ଏବଂ ଶ୍ରୀନିବାସପୁରୀ ଭଳି ୭ଟି ପୁରୁଣା ସରକାରୀ କଲୋନୀର ପୁନଃ ବିକାଶ କରାଯାଇଛି । ପ୍ରକଳ୍ପ ଶେଷ ହେବା ପରେ ମୋଟ ୨୧,୦୦୦ରୁ ଅଧିକ ଆଧୁନିକ ଆବାସିକ ୟୁନିଟ୍ ଉପଲବ୍ଧ ହେବ ।

ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କ ବିରୋଧରେ ଥିବା ଶୃଙ୍ଖଳାଗତ ତଦନ୍ତ ପ୍ରକ୍ରିୟା ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୯/୩ (ଆ.ପ୍ର) : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଏଏସ୍ (କନିଷ୍ଠ ବର୍ଗ) ଏବଂ ଓଆରଏସ୍ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବକେୟା ଥିବା ତଦନ୍ତ ରିପୋର୍ଟଗୁଡ଼ିକ ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଏ ସଂକ୍ରାନ୍ତରେ ସମସ୍ତ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ଲମ୍ବଡାମର ଜିଲ୍ଲା ପରିଷଦମାନଙ୍କର ମୁଖ୍ୟ ଜନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଆରଡିସି କଟକ ଏବଂ ଆରଡିସି ସମ୍ବଲପୁରଙ୍କ ସଚିବଙ୍କୁ ଚିଠି ଲେଖିଛନ୍ତି । ତଦନ୍ତକାରୀ ଅଧିକାରୀ ନିଯୁକ୍ତି ତାରିଖରୁ ୯୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ବକେୟା ଥିବା ମାମଲା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାରେ ଅନାବଶ୍ୟକ ବିଳମ୍ବ ହେଉଛି । ଏହି ପରିପ୍ରେକ୍ଷୀରେ ସମସ୍ତ ବକେୟା ମାମଲାକୁ ପ୍ରାଥମିକତା ଆଧାରରେ ତଦନ୍ତ କରାଯାଇ ଏକ ମାସ ମଧ୍ୟରେ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୨୬ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ସଚିବ ଡ. ପାଢୀ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଅବହେଳା କିମ୍ବା ଖିଲାପ ହେଲେ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଦର୍ଶାଇଛନ୍ତି । ଏଥିସହିତ ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ମାମଲାଗୁଡ଼ିକର ନିୟମିତ ସମୀକ୍ଷା କରି ସରକାରୀ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦିଆଯାଇଛି ।

ଅପରେସନ ସାଇବର କବଚ : ୩୨,୯୩୨ଟି ବେନାମୀ ବ୍ୟାଙ୍କ ଆକାଉଂଟ ଯାଂଚ

ଭୁବନେଶ୍ୱର, ୯/୩ (ଆ.ପ୍ର) : ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ଅଭିଯାନ ଅଧୀନରେ ସାଇବର ଠଗେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଂଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୨,୯୩୨ଟି ମ୍ୟୁଲ୍/ବେନାମୀ ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଇଛି । ଏହାସହ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୧୦୯୬ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୪ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା ଏବଂ ନକଲି ସିମ୍‌ବକ୍ସ ସମ୍ପର୍କିତ ୨୩ଟି ମାମଲା ରୁଜୁ ହୋଇଛି । ଏପର୍ଯ୍ୟନ୍ତ ୩୩୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ

ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୦ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସୋଲାରି ନାମ ଯଜ୍ଞରେ ଯୋଗଦେଲେ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଚିଲିକାବାଣପୁର, ୯/୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅନ୍ତର୍ଗତ ପୋରାଣୀ ତଥା ଐତିହାସିକ କିମ୍ବଦନ୍ତୀ ସମ୍ପନ୍ନ ସୋଲରି ପାହାଡ ପାଦ ଦେଶରେ ଅବସ୍ଥିତ ପାଇକଜୁଡିହ ଗ୍ରାମ ନିକଟସ୍ଥ ହରିହରେଶ୍ୱର ପୀଠରେ ଚଳିଶ ପ୍ରହର ନାମଯଜ୍ଞ ଦୀର୍ଘ ପାଂଚ ଦିନ ଧରି ଅନୁଷ୍ଠିତ ହୋଇଯାଇଅଛି । ଜଗତି ଅଖିଣ୍ଡମାନ ବହୁ ସ୍ୱାମୀ ଶ୍ରୀଦିବ୍ୟାନନ୍ଦ ସରସ୍ୱତୀଙ୍କ ଆୟୋଜନ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶିଷ୍ଟ ସମାଜସେବୀ ଶ୍ରୀ ସୁଜାତ୍ତ ବିଶ୍ୱାଳ, ଶ୍ରୀ ବିଭୁଷେଣ୍ଡ ଲାଉଡ, ଶ୍ରୀ କାଳୁଚରଣ ସୁନ୍ଦରାୟକ ସାହାଯ୍ୟ ଓ ପଂଚୁ ପଲ୍ଲୀ ସୋଲରି ଶାମୁଲା ଜନୁୟନ ପରିଷଦର ସଦସ୍ୟ ମାନଙ୍କ ପକ୍ଷରୁ ସହଯୋଗ କ୍ରମେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା । ପାଂଚ ଦିନ ଗାରି ପଂଚୁ ପଲ୍ଲୀବାସୀମାନ ବାସିନ୍ଦା ମାନେ ଓ ସୋଲରି ପାହାଡ ଚତୁର୍ଦ୍ଦଶ୍ରରେ ଥିବା ଗ୍ରାମବାସୀଙ୍କର ଆମନ୍ତ୍ରଣରେ ନାମଯଜ୍ଞ ସ୍ଥଳ ବେଶ୍ମ ଭକ୍ତିମୟ ହୋଇ ଉଠିଥିଲା । ଯେଉଁ ମାନଙ୍କର ସ୍ୱରଲୟରେ ସ୍ଥଳ ହରେ ରାମ ହରେ କୃଷ୍ଣ ମୟ ହୋଇ ଉଠିଥିଲା, ସେମାନେ ହେଲେ ଗାହାଣବେଲି ସଙ୍କୀର୍ତ୍ତନ ମଣ୍ଡଳୀ, ଜାଲୁରୀ ସଙ୍କୀର୍ତ୍ତନ ମଣ୍ଡଳୀ ବଡ଼ ଓ ସାନ, କଛେଣ୍ଡ ପୁର ସଙ୍କୀର୍ତ୍ତନ ମଣ୍ଡଳୀ, ସରନଲ ସଙ୍କୀର୍ତ୍ତନ ମଣ୍ଡଳୀ, ସରନ ସିଂହ ସଙ୍କୀର୍ତ୍ତନ ମଣ୍ଡଳୀ, ଜରଡ଼ି ସଙ୍କୀର୍ତ୍ତନ ମଣ୍ଡଳୀ, ପ୍ରତାପ ସଙ୍କୀର୍ତ୍ତନ ମଣ୍ଡଳୀ, ହଜ ସଙ୍କୀର୍ତ୍ତନ ମଣ୍ଡଳୀ, ଏକଡ଼ାଳିଆ ସଙ୍କୀର୍ତ୍ତନ ମଣ୍ଡଳୀ, ସାଙ୍ଗେଶ୍ୱର ସଙ୍କୀର୍ତ୍ତନ ମଣ୍ଡଳୀ, କୁଲେଇ ସଙ୍କୀର୍ତ୍ତନ ମଣ୍ଡଳୀ ଓ ବାମୋଦରପୁର ସଙ୍କୀର୍ତ୍ତନ ମଣ୍ଡଳୀ । ମାନବର ମନ୍ତ୍ରୀ ଆଇନ ପୂର୍ତ୍ତ ଅବକାରୀ ବିଭାଗ ତଥା ଚିଲିକା ବିଧାୟକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚଳିଶ ପ୍ରହର ନାମଯଜ୍ଞରେ ଯୋଗଦାନ କରି ମଣ୍ଡଳ ପରିକ୍ରମା କରିବା ସହିତ ଭ୍ରାତୃଙ୍କର ଆଶୀର୍ବାଦ ଲିଖା କରିଥିଲେ । ସ୍ଥଳର ଉନ୍ନତି କରଣ ଦିଗରେ ଓ ଶାମୁଲା ସ୍ଥଳାକୁ ଗମନା ଗମନର ସୁବିଧା ନିମନ୍ତେ ଆବଶ୍ୟକ ହେଉଥିବା ରାସ୍ତା ନିର୍ମାଣ ପାଇଁ ପଂଚୁପଲ୍ଲୀ ସୀମାବାସୀଙ୍କ ପକ୍ଷରୁ ଲିଖିତ ଅନୁରୋଧ କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ଆସି ନାମ ଯଜ୍ଞରେ ଯୋଗଦାନ କରିବା ସହିତ ପ୍ରସାଦ ସେବନ କରିବାର ଶୌଭାଗ୍ୟ ଲାଭ କରିଥିଲେ ।

ନୂଆପଡ଼ା ଜିଲ୍ଲା ଭୂର୍କାଧୋଡ଼ା ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୯/୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସମରସିଂ ଗ୍ରାମ ପଂଚାୟତର ଭୂର୍କାଧୋଡ଼ା ଗ୍ରାମରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କୋମନା ବ୍ଲକ ଅଧ୍ୟକ୍ଷ ଅନୁସୂୟା କୁଣ୍ଡାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଡୁଆ, ଉପ ଜିଲ୍ଲାପାଳ ସୁମି ସୋରେନ, ସିଡିଏମ୍ ଓ ଡବ ଧନେଶ୍ୱର ସେଠୀ, ବିଡ଼ିଓ ପବିତ୍ର କୁମାର ସାମଲ, ସ୍ଥାନୀୟ ସରପଂଚ ଭଉଜୁ ଗଣ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ । ସଭାରେ ବିଜିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଜିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ପ୍ରଥମେ ସମ୍ମାନୋଦରେ ଝିଅ ପାଇଁ ଗଛଟିଏ ଏବଂ ସର୍ବସ୍ତ୍ରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟା କ୍ରିତିଜାଂଶି ଦାସ ଓ ଧନେଶ୍ୱରୀ ସାହୁଙ୍କୁ କୋଳରେ ଧରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦୁଇ ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବସ୍ତ୍ର ଜାରୀ ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପରିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଜିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ଏହି ଅବସରରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରଙ୍କ ବିଜିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରା ଯାଇଥିଲା । ଜିଲ୍ଲାପାଳ ସମ୍ମାନ୍ଙ୍କୁ ଉଦବୋଧନ ଦେଇ କହିଲେ ଯେ ସରକାରଙ୍କ ପକ୍ଷରୁ ବହୁତ ଜନ ମଙ୍ଗଳକାରୀ ତଥା କର୍ମ ନିଯୁକ୍ତି ଯୋଜନା ଜିଲ୍ଲାରେ ଉପଲବ୍ଧ ଅଛି । ସେ ଗ୍ରାମବାସୀଙ୍କୁ ପ୍ରବାସୀ ଶ୍ରମିକ ଭାବେ ନ ଯାଇ ଘରେ ରହି ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଅଛେ । ସେ ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନକରି ସ୍କୁଲ୍ ପଠେଇବା ପାଇଁ ରାଖା ମାଁ ମାନଙ୍କୁ କହିଥିଲେ । ସେହିପରି , ଗାଁକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରାଖିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ, ଆଠ ଜଣ ହିତାଧିକାରୀ ଶ୍ରମିକଙ୍କୁ ମନରେଗା ରେ ୧୦୦ ଦିନରୁ ଅଧିକ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଦୁଇଟି ପରିବାରକୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଗିରିଧାରି ମାଝୀ, ହାଣ୍ଡାକାଟି ନାଗ ଓ ସୁଲୋଚନା ଶବରଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ମୃତ୍ୟୁ କାଳନ ସହାୟତା ଓ ଯାଇମଣାଙ୍କୁ ୧୦,୦୦୦ ଟଙ୍କା ମାତୃତ୍ୱ ସହାୟତା ପ୍ରଦାନ କରାଯାଇଥିଲା । ଏହି ଅବସରରେ, ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ବାସ, ଖାଦ୍ୟ, ଜଳ ଯୋଗାଇ ଦେଇଥିଲେ । ଶେଷରେ, ଜିଲ୍ଲାପାଳ ଓ ଅଧିକାରୀ ମାନେ ପ୍ରବାସୀ ଶ୍ରମିକ ଦେବଙ୍ଗ ମାଝୀଙ୍କ ଘରକୁ ପରିଦର୍ଶନ କରି ତାଙ୍କ ପରିବାର ସହ ଆଲୋଚନା କରିଥିଲେ । ଜିଲ୍ଲାରେ ଥିବା ବିଜିନ୍ନ ସରକାରୀ ଯୋଜନା ବିଷୟରେ ବୁଝାଇବା ସହ ଏହାର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଶିବିରକୁ କୋମନା ବିଡ଼ିଓ ପବିତ୍ର କୁମାର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ ଗୀତା, ସ୍ଥାନୀୟ ସରପଂଚ, ଟଂଗାଘରିରାଜ ବିକାଶ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ ।

କୋମନା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

ନୂଆପଡା, ୯/୩ (ଆ.ପ୍ର) : ନୂଆପଡା ଜିଲ୍ଲା କୋମନା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବନଖଣ୍ଡ ଅଧିକାରୀ ଖଡିଆନ , ଅଜିତ ଖାନ, ବନଖଣ୍ଡ ଅଧିକାରୀ (କୋହୁପଡ଼) କେ ମାଧବିଲତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଡୁଆ, ଉପ ଜିଲ୍ଲାପାଳ ସୁମି ସୋରେନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, କୋମନା ବ୍ଲକ ଅଧ୍ୟକ୍ଷ ଅନୁସୂୟା କୁଣ୍ଡାର, ଜେପୁରୀ ଜଲେଶ୍ୱର ଜିନ୍ୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶୁଭାରମ୍ଭରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଜିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଜିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣୀ ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରା ଯାଇଥିଲା । ଅଭିଯୋଗ ଶୁଣାଣୀ ପରେ, ଜିଲ୍ଲାପାଳ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ , ଅଭିଯୋଗ ଶୁଣାଣି ହେଉଛି ଏକ ନିରନ୍ତର ପ୍ରକ୍ରିୟା । ଆଜି କିଛି ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗ ଗ୍ରହଣ କରାଯାଇଥିଲା ଏବଂ ସଂପୃକ୍ତ ଅଧିକାରୀମାନଙ୍କୁ ସେଗୁଡିକର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେ ସମସ୍ତଙ୍କୁ ନିଜ ଅଭିଯୋଗ ଅନଲାଇନ୍ ମାଧ୍ୟମରେ ମଧ୍ୟ ଦାଖଲ କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ସମରସିଂ ଗ୍ରାମ ପଂଚାୟତର ଭୂର୍ଦ୍ଧାଧୋଡ଼ା ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନ ଟିଏ ଓ ପୁଷ୍ଟିକର ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

ଶୁଭାରମ୍ଭ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୦ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଦ.ପୂ ରେଲୱାଇ-ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/୨୦୨୬/୦୯, ତାରିଖ ୦୬.୦୩.୨୦୨୬ । ନିମ୍ନରେ ଦେଖାଯାଉଛି ମାଇନରସ୍ (ଏଲିଟିସିସ), ଏସ୍, ଜି, ଟେଣ୍ଡରସ୍, ଓଡ଼ିଶାରୁ-୨ ୨୧୩୦୯ ସୁଦ୍ଧ ସିନ୍ଦୁରିଆ ଫାର୍ଟ୍ ଫାର୍ଟ୍ ଏବଂ ଇଆରସ୍ ଅଗ୍ରଗତି ପଥରୁ ଇ-ଟେଣ୍ଡର ଆମନ୍ତ୍ରିତ କରାଯାଇଛି । **ଟେଣ୍ଡରୁଡ଼ିକ ହେଉଛେ ୧୫.୦୦ ଘଣ୍ଟା ପୂର୍ବରୁ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । ଜୁନିୟର ଫାଙ୍ଗ୍ରା ଏବଂ ଟେଣ୍ଡର ନମ୍ବର, ଆଇଟମ ସଂଖ୍ୟା, ଦେଖିବା ପୂରଣ; ଅଗ୍ର ସଂଖ୍ୟା (୧) ଇ-ଟେଣ୍ଡରି-ବାଲିଶ-୦୬-୨୦୨୬;** ହଜାରପୁରା, ଗୋପାଳପୁର, ବଗୁଲ, ଟେଣ୍ଡରସ୍ ଏବଂ ଇଲେକ୍ଟ୍ରିକାଲ ଲାଇନରେ ଥିବା ସୁଇଚ୍ ଗିଅର ଫିଟ୍ ଦେବାରେ ମୂଳ୍ୟ ୩.୦ ମିଟର ବଦଳେ ଏହା ଦେଇ ଫିଟ୍ ନିର୍ମିତ ଏବଂ ୩.୦ ମିଟର ବଦଳେ ଏହା ଦେଇ ଫିଟ୍ ନିର୍ମିତ ଏବଂ ୩.୦ ମିଟର ବଦଳେ ଏହାରେ । ଦରିଦ୍ର ସିଆରସ୍ ଅଳ୍ପ (ଏଲିଟିସିସ)ଏବଂ ଅଧିକରେ ଏବଂ ଏହାରେ ଏହାର ଫିଟ୍ ଦେବା ପାଇଁ ଅଳ୍ପ ଫାର୍ଟ୍ ଅଳ୍ପ ଫିଟ୍ ଦ.୬୩,୪୫,୬୬,୧୫,୩୨; ୧୩,୨୬,୦୦/- । (୨) ଇ-ଟେଣ୍ଡରି-ବାଲିଶ-୦୭-୨୦୨୬; ଅଗ୍ରଗତି ସ୍ୱାମୀ ଦ୍ୱିତୀୟ ଯାତ୍ରୀ ଏସିମେଣ୍ଟ ଏବଂ ଅଗ୍ରଗତି ଏସିମେଣ୍ଟ ଅଧିକରେ ଏବଂ ଏହାର ଏବଂ ଏହାର ଫିଟ୍ ଦେବାରେ ଏବଂ ମନ୍ତ୍ରଣାଳୟ (୪୪୬ ନମ୍ବର): ୯.୧,୩୬,୦୨,୪୪୪,୧୩; ୬,୧୮,୬୦୦/- । (୩) ଇ-ଟେଣ୍ଡରି-ବାଲିଶ-୦୭-୨୦୨୬; ବାଲିଶ ଅଧିକରେ: (କ) ସିଆରସ୍ ଏବଂ ଇଲେକ୍ଟ୍ରିକାଲସ୍ଟ୍ରେଚିଂ ଅଧିକରେ ଏବଂ ମଧ୍ୟମରେ ଏବଂ ଏବଂ ଏହାର ଫିଟ୍ ଦେବାରେ ଏବଂ ସିଆରସ୍ ଏବଂ ଇଲେକ୍ଟ୍ରିକାଲସ୍ଟ୍ରେଚିଂ ଅଧିକରେ ଏବଂ ଏହାର ଏବଂ ଏହାର ଫିଟ୍ ଦେବା

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୦ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପୂର୍ଣ୍ଣ ନିୟନ୍ତ୍ରଣ

ଆମର ଦୈନନ୍ଦିନ ଜୀବନରେ ଆମେ ବିଭିନ୍ନ ପ୍ରକାର ଲୋକଙ୍କ ସଂସ୍ପର୍ଶରେ ଆସିଥାଉ । ସେମାନଙ୍କ ମଧ୍ୟରେ ନିକଟ ସମ୍ପର୍କୀୟ ମାନଙ୍କ ସଂଖ୍ୟା ଅଧିକ । କିନ୍ତୁ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ବିରୋଧରେ ସେମାନଙ୍କର ନିଜ ଲୋକମାନେ ନିରୁତ୍ତାପୂର୍ଣ୍ଣ ଅଭିଯୋଗ ବାଢ଼ନ୍ତି ଯେ ଅନ୍ୟମାନଙ୍କ ପ୍ରତି କିପରି ବ୍ୟବହାର କରାଯିବା ଉଚିତ ତାହା ସେମାନେ ଜାଣନ୍ତି ନାହିଁ । ଏହିଭଳି ବ୍ୟକ୍ତିମାନେ ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ବିରକ୍ତିର କାରଣ ହୋଇଥାନ୍ତି । ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ଟ୍ରେନ ଭିତରେ, ଅଫିସ ଓ ସିନେମା ପ୍ରେକ୍ଷାଗୃହରେ ଏବଂ ବଜାରରେ ଆମେ ବିଭିନ୍ନ ପ୍ରକାର ଲୋକଙ୍କର ସଂସ୍ପର୍ଶରେ ଆସୁ । ଯଦି ଆମେ ସ୍ଥିର ଏବଂ ଶାନ୍ତ ଚିତ୍ତ ନହେବା ତାହେଲେ ଅନ୍ୟମାନଙ୍କ ଠାରେ ବିରକ୍ତିଭାବ ସୃଷ୍ଟି କରିବା ସ୍ୱାଭାବିକ । ନିଜର ମନକୁ ଶାନ୍ତ ରଖିପାରୁନଥିବା ବା ମିଜାଜକୁ ଅଣ୍ଟା ରଖିପାରୁନଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ସହ କଳହର କାରଣରେ ସମ୍ପୃକ୍ତ ହୋଇପଡୁଥିବା ଆମେ ଦେଖିବାକୁ ପାଉ । ତେବେ କୌଣସି ଦଳ ବା ରାଷ୍ଟ୍ରର ନେତାଙ୍କ କ୍ଷେତ୍ରରେ ଏ ପରିସ୍ଥିତି ଟିକିଏ ଭିନ୍ନ । ବିଭିନ୍ନ ସ୍ତରରଲୋକଙ୍କର ତାଙ୍କ ନିକଟରେ କିଛି ନା କିଛି କାମ ରହିଥାଏ । ସେମାନଙ୍କ ମଧ୍ୟରେ ଥାଏ କାମଠିକ ହାସଲ କରିନେବାର ଅଭିପ୍ରାୟ । ତେଣୁ ସେମାନେ ପ୍ରାୟ ସମୟରେ ତାଙ୍କୁ ଘେରି ରହିଥାନ୍ତି, ଏହା ସତ୍ତ୍ୱେ ନେତାଜଣକ ସେମାନଙ୍କୁ ଅସୁଖୀ କରନ୍ତି ନାହିଁ । ସମ୍ଭବତଃ ଅଭିଯୋଗ ଧୈର୍ଯ୍ୟର ସହ ଶୁଣିବାର ପ୍ରୟାସ କରିଥାନ୍ତି । ଅପରପକ୍ଷରେ ଯଦି ସେ ରାଗନ୍ତି ଏବଂ ତାଙ୍କ ନିକଟକୁ ଆସୁଥିବା ଲୋକମାନଙ୍କ ଉପରେ କ୍ରୋଧ ପ୍ରକାଶ କରନ୍ତି ତାହେଲେ ତାଙ୍କର ନେତୃତ୍ୱପଣିଆ ଦୋହଲିଯିବ । ଭଗବାନ ଶ୍ରୀକୃଷ୍ଣ ଯିଏକି ଗୋପଜମାନଙ୍କର ନେତା ଥିଲେ ଏବଂ ନେତୃତ୍ୱ ଅଭିଜ୍ଞତାର ଅଧିକାରୀ ହୋଇଥିଲେ ତାଙ୍କର ପ୍ରିୟତମ ବ୍ୟକ୍ତିର ଦ୍ୱିତୀୟ ଗୁଣଟିକୁ ବର୍ଣ୍ଣନା କରି କହିଛନ୍ତି ଯେ କୌଣସି ପରିସ୍ଥିତିରେ ସେ ତାଙ୍କ ନିକଟକୁ ଆସୁଥିବା ବ୍ୟକ୍ତି ଉପରେ କ୍ରୋଧ ପ୍ରକାଶ କରିବେ ନାହିଁ ବା କ୍ଷୁବ୍ଧ ହେବେନାହିଁ । ଭଗବାନଙ୍କର ପ୍ରିୟତମ ହେବା ପାଇଁ ଏହି ଦୁଇଟିଗୁଣ କେବଳ ପର୍ଯ୍ୟାପ୍ତ ନୁହେଁ । ଭଗବାନ ଶ୍ରୀକୃଷ୍ଣ ଆହୁରି କହିଛନ୍ତି ଯେ ମୋର ପ୍ରିୟ ହେବା ପାଇଁ ଚାହୁଁଥିବା ବ୍ୟକ୍ତି ଆନନ୍ଦ, କ୍ରୋଧ ଓ ଭୟର ବଶବର୍ତ୍ତୀ ହେବନାହିଁ । ମଣିଷର ମନ ସମୁଦ୍ର ପରି ଭାଲା । ସାମାନ୍ୟ ମୃଦୁ ପବନ ଯେପରି ସମୁଦ୍ରରେ ତରଙ୍ଗ ସୃଷ୍ଟି କରିଥାଏ, ସେହିପରି ଆନନ୍ଦ, କ୍ରୋଧ ଏବଂ ଭୟ ସବୁ ମନୁଷ୍ୟଙ୍କୁ ଗ୍ରାସ କରିଥାଏ । ତେଣୁ ଏସବୁ ଦ୍ୱାରା ଜଣେ ବ୍ୟକ୍ତି ସହଜରେ ପ୍ରଭାବିତ ହୋଇଯିବା ସ୍ୱାଭାବିକ । କିନ୍ତୁ ସମ୍ଭାବ ଓ ସ୍ଥିରବୁଦ୍ଧିସମ୍ପନ୍ନ ବ୍ୟକ୍ତି ଏସବୁ ଆବେଗପ୍ରବଣତାରେ ଭାସିଯାଏ ନାହିଁ, ଏଣୁ ସେ ମୋର ପ୍ରିୟ । ତେବେ ଦେଖାଯାଉଛି ଯେ ସମସ୍ତେ ଯଦିବି ଭଗବାନଙ୍କର ପ୍ରିୟ ହୋଇଯିବା ପାଇଁ ଚାହାନ୍ତି, ଏହି ପଥ କିନ୍ତୁ ବଡ଼ ବନ୍ଧୁର ଓ ପ୍ରତିବନ୍ଧକ ପରିପୂର୍ଣ୍ଣ । ଏହାଯେ କେବଳ ଖାଲ ଓ ଖାଲରେ ପରିପୂର୍ଣ୍ଣ ତାହାନୁହେଁ, ବିପରୀତସଂକୁଳ ମଧ୍ୟ । ତୃତୀୟ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମଯୋଗ ବିଷୟରେ ବୁଝାଇଛନ୍ତି । ସଂସାରରେ କର୍ମ କରିବାର ଉପଯୁକ୍ତ ପଦ୍ଧତି ସମ୍ପର୍କରେ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ପୃଥିବୀରେ ଦେହି ବି କ୍ଷଣିକେ ମଧ୍ୟ କର୍ମ ନକରି ରହିପାରିବେ ନାହିଁ । ଚତୁର୍ଥ ଅଧ୍ୟାୟରେ ଭଗବାନ କର୍ମନ୍ଦ୍ରାର୍ପଣ ଯୋଗ ବିଷୟରେ ବୁଝାଇଛନ୍ତି । ଏହି ଅଧ୍ୟାୟରେ ସେ କହିଛନ୍ତି ଯେ ଯେଉଁମାନେ ଆସକ୍ତି, ଭୟ ଓ କ୍ରୋଧକୁ ପରିତ୍ୟାଗ କରି ତାଙ୍କ ନିକଟରେ ଶରଣ ନେଇଛନ୍ତି, ସେମାନେ ତାଙ୍କ ସହ ଏକ ହୋଇଯିବେ । ପୁଣି ଏହି ଅଧ୍ୟାୟରେ ଜଣେ ଜ୍ଞାନୀ ବ୍ୟକ୍ତିର ଆଚରଣ ବିଷୟରେ କହିବାକୁ ଯାଇ ଭଗବାନ କହିଛନ୍ତି ଯେ ଫଳ ଆଶା ନରଖି ଯେ ତାର ସମସ୍ତ କର୍ମ କରିଥାଏ । ସୁତରାଂ ତାର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନିରେ ଭସ୍ମ ହୋଇଯାଇଥାଏ । ଗୀତାର ପଞ୍ଚମ ଅଧ୍ୟାୟରେ କର୍ମ ସନ୍ନ୍ୟାସ ଯୋଗ ପ୍ରତି ସମର୍ପିତ ହୋଇଛି । ଏହାର ପ୍ରାରମ୍ଭରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଉଭୟ କର୍ମସନ୍ନ୍ୟାସ ଏବଂ କର୍ମଯୋଗ ମୋକ୍ଷ ପଥକୁ ବାଟ କଢ଼ାଇ ନିଏ । କିନ୍ତୁ ଏ ଦୁଇଟି ମଧ୍ୟରୁ କର୍ମଯୋଗ ଶ୍ରେଷ୍ଠ ବୋଲି ଭଗବାନ କହିଛନ୍ତି । ପଞ୍ଚମ ଅଧ୍ୟାୟରେ ଭଗବାନ ଜଣେ ପଣ୍ଡିତ ବ୍ୟକ୍ତିର ନିମ୍ନପ୍ରକାର ବର୍ଣ୍ଣନା କରିଛନ୍ତି । ଷଷ୍ଠ ଅଧ୍ୟାୟରେ ଅଭ୍ୟାସ ଯୋଗ ବର୍ଣ୍ଣନା କରିବା ସମୟରେ ଭଗବାନ କହିଛନ୍ତି ଯେ ଜଣେ ବ୍ୟକ୍ତି ତାର ସମସ୍ତ ଆସକ୍ତି ଦୂର ନକରିବା ପର୍ଯ୍ୟନ୍ତ ପ୍ରକୃତ ଅର୍ଥରେ କର୍ମଯୋଗୀ ହୋଇପାରିବ ନାହିଁ । ସେ ପୁଣି କହିଛନ୍ତି ଯେ ଯେତେବେଳେ ଜଣେ ଯୋଗୀର ନିଜ ମନ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଆସିଯିବ ସେତେବେଳେ ଉଭୟ ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ତାର ନିରପେକ୍ଷ ବିଚାର ଓ ଦୃଷ୍ଟିଭଙ୍ଗୀ ରହିବ ।

॥ ସୌର ଚନ୍ଦ୍ର ମହାପାତ୍ର ॥

ଆଧ୍ୟାତ୍ମିକ ଚେତନା, ରାମାୟଣ ଓ ରାମମୟ ଭାରତ

ଆମେ ଇତିହାସର ଏକ ସନ୍ଧିକ୍ଷ ସମୟର ମୁଜସାକ୍ଷୀ ହେବାକୁ ଯାଉଛେ । ୨୦୨୪ ଜାନୁଆରୀ ୨୨ ତାରିଖ ସୋମବାର ମଧ୍ୟାହ୍ନ ୧୨ଟା ୨୦ ମିନିଟ ଏହି ଦିନର ମୁହୂର୍ତ୍ତରେ କେବଳ ପ୍ରତିଟି ଭାରତୀୟ ନୁହଁନ୍ତି ପୃଥିବୀରେ ଥିବା କୋଟି କୋଟି ହିନ୍ଦୁ ମାନଙ୍କ ପାଇଁ ଏକ ଆବେଗ ପରମ ସୌଭାଗ୍ୟର ମୁହୂର୍ତ୍ତ ହେବାକୁ ଯାଉଛି । ଅଯୋଧ୍ୟାର ନବ ନିର୍ମିତ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଭାରତ ବର୍ଷର ଇତିହାସରେ ସେହି ବିରଳ ଐତିହାସିକ ମୁହୂର୍ତ୍ତ । ନୈତିକ ମୂଲ୍ୟବୋଧ ଏବଂ ଚିରନ୍ତନ ସତ୍ୟର ଭିତ୍ତିଭୂମି ଉପରେ ରାମାୟଣର ରଚନା କରାଯାଇଛି । ରାମାୟଣ ରଚନା ହେବା ଦିନ ଠାରୁ ଏହାର ମୁଖ୍ୟ ଚରିତ୍ର ଶ୍ରୀରାମ ଏବଂ ମା ସୀତା ମାନବ ସମାଜର ସଂସ୍କୃତି ଏବଂ ପରମ୍ପରାକୁ ପ୍ରଭାବିତ କରି ଆସୁଛନ୍ତି । ତେଣୁ ଏହି ଦୁଇ ଚରିତ୍ରଙ୍କୁ ଆମେ ପରମ ବ୍ରହ୍ମ ଭାବେ ସମ୍ମାନ ଏବଂ ଭକ୍ତି ଅର୍ପଣ କରିଆସୁଛୁ । ରାମାୟଣ ଆମକୁ ଏହି ଶିକ୍ଷା ଦେଇ ଆସିଛି ଯେ ଅଧର୍ମ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାହାର ଦିନାଶ ନିଶ୍ଚିତ ହେବ ଏବଂ ଯେତେ ପ୍ରତିବନ୍ଧକର ସାମ୍ନାଖାନ ହେଲେ ମଧ୍ୟ ଧର୍ମର ବିଜୟ ହେବ । ରାବଣଙ୍କ ଚରିତ୍ରରୁ ଆମେ ଏହି ଶିକ୍ଷା ଲାଭ କରିଛେ । ଶ୍ରୀରାମଙ୍କ ଜୀବନରେ ଆଧ୍ୟାତ୍ମିକତା ଏବଂ ନୈତିକ ମୂଲ୍ୟବୋଧର ଏକ ଉତ୍ତମ ସମନ୍ୱୟ ହୋଇଥିବା ଦେଖିବାକୁ ମିଳେ । ଉତ୍ତମ ଚରିତ୍ର ବିନା ଆଧ୍ୟାତ୍ମିକ ଭିତ୍ତିଭୂମି ପ୍ରତିଷ୍ଠା ସମ୍ଭବ ନୁହେଁ ଏବଂ ନୈତିକ ଶୃଙ୍ଖଳା ନଥିଲେ ଉତ୍ତମ ଚରିତ୍ର ଗଠନ ସମ୍ଭବ ନୁହେଁ । ଧର୍ମରେ ଥିବା ନିୟମଗୁଡ଼ିକୁ ଶ୍ରୀରାମ ପାଳନ କରି ନିଜକୁ, ନିଜର ଲୋକମାନଙ୍କୁ ଏବଂ ପ୍ରତ୍ୟେକଙ୍କୁ ବିଭିନ୍ନ କ୍ଷେତ୍ରରେ ରକ୍ଷା କରିଛନ୍ତି ।

ମର୍ଯ୍ୟାଦାପୁରୁଷୋତମ ଶ୍ରୀରାମଚନ୍ଦ୍ରଙ୍କ ଆଲୋଚନା କରିବାବେଳେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ରାମକଥା ଉପରେ ବାହିନୀର ଆଲୋଚନା ମନେପଡୁଛି । ରାମ ପ୍ରତ୍ୟେକ ପ୍ରାଣୀର ଅନ୍ତରବାସୀ ଆତ୍ମାରାମ । ଅନ୍ତର ଭିତରୁ ଜାଗ୍ରତ ହୋଇଥିବା ତାଙ୍କର ଆଶୀର୍ବାଦ ସମସ୍ତଙ୍କୁ ଶାନ୍ତି ଓ ଆନନ୍ଦ ଦେବାକୁ ସମର୍ଥ । ସେ ଧର୍ମସ୍ୱରୂପ, ଯେଉଁ ଧର୍ମ ସାରା ମଣିଷ ଜାତିକୁ ପ୍ରେମ ଓ ଐକ୍ୟଭାବରେ ବାନ୍ଧି ରଖିପାରେ । ରାମାୟଣ ଆମକୁ ମୁଖ୍ୟତଃ ଦୁଇଟି ଶିକ୍ଷା ପ୍ରଦାନ କରେ, ଦୈନନ୍ଦିନ ମହତ୍ୱ ଏବଂ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ପ୍ରତିଷ୍ଠିତ ଦୈବତ୍ୱକୁ ଉପଲବ୍ଧି କରିବାର ଆବଶ୍ୟକତା । ମନୁଷ୍ୟର ମୁକ୍ତି ସମ୍ଭବ ଗଭୀର ଈଶ୍ୱର ବିଶ୍ୱାସ ଏବଂ ସଂସାର ପ୍ରତି ନିରାସକ୍ତି ଦ୍ୱାରା । ଇନ୍ଦ୍ରିୟବର୍ଦ୍ଧିତ୍ୱ ବସ୍ତୁ ପରିତ୍ୟାଗ କରେ, ଆମେ ରାମଙ୍କୁ ପାଇପାରିବା ।

ରାମ କଥା ରସ ସୁରୁ ଯୁଗ ଧରି କୋଟି କୋଟି ଆବାଳ ବୃଦ୍ଧ ବନିତାଙ୍କର ଆଶ୍ରୟ ହୋଇ ଆସିଛି । ଦୁଃଖ ସମୟରେ ସାନ୍ତ୍ୱନା, ନିରାଶା ସମୟରେ ଆଶା, ସଂଶୟରେ ବୋଧାତ୍ମକ ବ୍ୟକ୍ତି ପାଇଁ ଦୃଢ଼ତା ଏବଂ ପରାଜୟର ଗ୍ଲାନି ଆଗରେ ବିଜୟର ଭରସା ଯୋଗି ଅନନ୍ତ କାଳରୁ ମଣିଷ ପାଖରେ ଠିଆ ହୋଇ ଆସିଛି ଏହି ରାମକଥାର ରମ୍ୟମୟ କାହାଣୀ । ଏହି କାହାଣୀ ଈଶ୍ୱରଙ୍କର ମନୁଷ୍ୟ ଭାବରେ ମନୁଷ୍ୟ ମାନଙ୍କ ସହିତ ଚଲୁଲୁ କରିବା, ମନୁଷ୍ୟ ମାନଙ୍କ ସହିତ ହସିବା ଓ କାନ୍ଦିବାର କାହାଣୀ, ଭରତ ଓ ଅଯମ, ମୁନି ଓ ରାକ୍ଷସ, ପଶୁ ଓ ପକ୍ଷୀ, ସମ୍ପତ୍ତିଙ୍କୁ ସାଙ୍ଗରେ ନେଇ ସମ୍ବଳଙ୍କୁ ପରମ ଜ୍ଞାନର ଆଲୋକ ଦେଖାଇଥିବା ଈଶ୍ୱରଙ୍କ କାହାଣୀ । ମନୁଷ୍ୟ ହୃଦୟର ସୂକ୍ଷ୍ମ ତନ୍ତୀରେ କରୁଣା, ଭକ୍ତି, ଭଲୁଅ, ପ୍ରେମ ଏବଂ ସମର୍ପଣର ଦିବ୍ୟ ଧ୍ୱନି ସଞ୍ଚାର କରି ମନୁଷ୍ୟକୁ ପଶୁ ଅବସ୍ଥାରୁ ପଶୁପରି ଅବସ୍ଥାକୁ ଘେନି ଯିବାର ଅନବଦ୍ୟ କାହାଣୀ ଏହି ରାମାୟଣ ।

ଆଧ୍ୟାତ୍ମିକ ଅନୁଶାସନମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକଲଲ୍ୟାଣକାରୀ ଗ୍ରନ୍ଥ । କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ୍ୟ ଏହା ଆହୁରି ପ୍ରାଚୀନ । ପ୍ରାୟମେ ବଳ୍ମିକାଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାକୃତ ଭାଷାରେ ଏହାର ରଚନା କଲେ । ତେବେ ଭାଲ୍ମେକୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ । ରେକଲା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାଧା ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ । ଅତଏବ ଏପରି ପବିତ୍ର ଗ୍ରନ୍ଥର ପାଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି ।

ମନୁଷ୍ୟ ଜାତିହାସରେ ଏପରି ଅନ୍ୟ କୌଣସି କଥା ନାହିଁ ଯାହା ଆମର ମନ ଓ ଚିତ ଉପରେ ଏପରି ଗଭୀର ପ୍ରଭାବ ବିସ୍ତାର କରିପାରିଛି । ଇତିହାସ ଓ ଭୂଗୋଳର ସମସ୍ତ ସୀମା ଭଲୁଙ୍ଘନ କରି ଯୁଗ ଯୁଗ ଧରି ମନୁଷ୍ୟର ଆଗର-ଚିନ୍ତାରକୁ ଗଢ଼ି ଆସିଛି ରାମକଥା । ଦେଶ-କାଳ ଅତିକ୍ରମ କରି ଗୁପ୍ତର ଓ ବିଭ୍ରାନ୍ତ ମନୁଷ୍ୟଜାତିକୁ ଆରୋଗ୍ୟର ରସାୟନ ପ୍ରଦାନ କରି ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ବାଟରେ ବାଟ କଢ଼ାଇ ଆସିଛି ରାମାୟଣ । ରାମାୟଣ ଭାରତୀୟ ଜୀବନଦର୍ଶନର ଗାଙ୍ଗମାୟା ପ୍ରକାଶ । ଏହା ମାନବର ଚିତକୁ ଗଭୀର ଭାବରେ ପ୍ରଭାବିତ କରିପାରେ । ରାମାୟଣର ନୈତିକ ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଚୁରତି ଜାଳ ଜାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଜୀବନକୁ ଗଢ଼ିଣ୍ଡିର କରିପାରିଛି । ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ଦେବ । ଏଥିରେ ପ୍ରାଚୁନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ । ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ । ଏହା ଭାରତୀୟ ସଂସ୍କୃତିକୁ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି ।

ଯେଉଁ ସାଲଙ୍କର ସଂଚଳ୍ପରୁ ହିଁ ରୂପ ପରିଗ୍ରହ କରିଛି ଏ ବିଶ୍ୱର ସ୍ଥିତି ଓ ଇତିହାସ, ଯିଏ ଏହାର କାହାଣୀର ରଚୟିତା ଓ ଅଭିନେତା ସାକ୍ଷୀ ଓ ସାକ୍ଷ୍ୟ, ସେ ହିଁ କାଳର ଅନନ୍ତ ବକ୍ଷରେ ଆପଣାକୁ ପ୍ରକଟ କରି ଆସୁଛନ୍ତି, ଆଉ ସେ ରାମ ଅବତାରରେ ଯେଉଁ ଅଭିନୟ କରିଥିଲେ ଆମର ସୌଭାଗ୍ୟକୁ ଆଜି ତାକୁ ପୁନଶ୍ଚ ବର୍ଣ୍ଣନା କରିବାକୁ ଇଚ୍ଛା ହେଉଛି । ସେ ତ୍ରେତା ଯୁଗରେ ରାମ ରୂପରେ, ଲୋକଙ୍କୁ ଯେପରି ଉପଦେଶ ଦେଇଥିଲେ, ପଥଭ୍ରଷ୍ଟ ଲୋକଙ୍କୁ ପୁଣି ବାଟକୁ ଆଣୁଥିଲେ, ଦୁଃଖୀଙ୍କଷ୍ଟରେ ପଡ଼ିଚି ମାନଙ୍କୁ ସାନ୍ତ୍ୱନା ଓ ସନ୍ତୋଷ ପ୍ରଦାନ କରୁଥିଲେ, ଆଜି ବି ସାଇରାମ ରୂପରେ ତାହା ହିଁ କରୁଛନ୍ତି । ସେଥିପାଇଁ ସେ ମାସିକ ସଜାତକ ସାଇଥି ପତ୍ରିକାର ଶୁଭାରମ୍ଭ କରିଛନ୍ତି, ଆଉ ସେହି ପତ୍ରିକାରେ ସାତ ବର୍ଷରୁ ଅଧିକ କାଳ ଏହି ରାମକଥା ଉପଦାହିନୀ ନିର୍ମିତ ପ୍ରକାଶିତ ହୋଇ ଆସିଛି । ପାଠକମାନେ ଅନୁଭବ କରୁଥିଲେ ରାମକଥା ସତେ ଯେମିତି ବର୍ତ୍ତମାନ ସେଇମାନଙ୍କର ଆଖି ଆଗରେ ଘଟି ଚାଲିଛି । ସେମାନେ ଅନୁଭବ କରୁଥିଲେ ରାମ ଓ ସାଇରାମଙ୍କ ଜୀବନର ଅପୂର୍ବ ସାମ୍ୟ । ରାମାୟଣରେ ତ୍ୟାଗ, ଭକ୍ତି, ନୈତିକ ମୂଲ୍ୟବୋଧ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସଂଗମ ହୋଇଥିବା ଆମେ ଦେଖିବାକୁ ପାଇଥାଉ । ଏହି କାରଣ ଯୋଗୁ ଶିରିଡ଼ିର ସାଇବାବା ସବୁବେଳେ ରାମ ବିଜୟ ପାଠ କରିବା ନିମନ୍ତେ ଭକ୍ତମାନଙ୍କୁ ପରାମର୍ଶ ଦେଉଥିଲେ । ରାମାୟଣ ହେଉଛି ଏକ ଜୀବନ ଭାଷ୍ୟ ବୋଲି କୁହାଯାଏ । ଜୟ ଶ୍ରୀ ସାଇ ।

ଜଟକ,
ମୋ- ୯୪୩୭୦୦୪୪୬୬

ପୁତ୍ରଦା ଏକାଦଶୀ

॥ ନିରୁପମା ଭୂୟାଁ ॥

ଆଜି ଜାନୁଆରୀ ୨୧ ତାରିଖ ଏହି ଦିନଟି ପୁତ୍ରଦା ଏକାଦଶୀ ଭାବେ ପ୍ରସିଦ୍ଧ । ସମସ୍ତ ଆଧ୍ୟାତ୍ମିକ ଧର୍ମ ପୁରାଣ ସହ ଭଗବାନ ଶ୍ରୀ ସତ୍ୟସାଇ ପୁତ୍ର ବା ସନ୍ତାନ ମାନଙ୍କ କଲ୍ୟାଣ ପାଇଁ ତାଙ୍କ ଦିବ୍ୟ ସାନ୍ନିଧ୍ୟରେ ନୀତିଶିକ୍ଷା ଆମ୍ଭମାନଙ୍କୁ ଦେଇଛନ୍ତି । ସଂସୋଗୁଳୁ ଯାଜପୁର ଜିଲ୍ଲା, କେନ୍ଦ୍ରାପଡ଼ା ସାଜ ଜିଲ୍ଲା ଅନ୍ତର୍ଗତ ପଲାଇ ମୌଜାର ମା'ଓଳାଶୁଣୀର ପୀଠରେ ଆଜି ଉଦଯାପନ ହେବାକୁ ଯାଉଛି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ୪୮ତମ ଜାଙ୍ଗ ସଭିଜନୀ । ଆଜିର ପୁତ୍ରଦା ଏକାଦଶୀ ସମ୍ପର୍କରେ ମୁଁ ସୁଧୁପାଠକ ବୃନ୍ଦଙ୍କୁ କିଛି ଜଣାଇବା ନିମନ୍ତେ କ୍ଷୁଦ୍ର ପ୍ରୟାସଟି କରୁଛି । ପୌଷ ମାସ ଶୁକ୍ଳପକ୍ଷରେ ଯେଉଁ ଏକାଦଶୀ ପଡ଼େ ତାହାକୁ ପୁତ୍ରଦା ଏକାଦଶୀ କୁହାଯାଏ । ପୁତ୍ରଦା ଏକାଦଶୀରେ ନାମମଂତ୍ର ଜପ କରିବା ସହ ଶ୍ରୀହରିଙ୍କୁ ପୂଜାକରି ନିର୍ଜଳ ଉପବାସ ରହିବାକୁ ପଡ଼େ । ଏକାଦଶୀ ତିଥିରେ ଦୀପଦାନ ସହ ସମସ୍ତ ଫଳ ପୂଜା କରିବା ବିଧାନ ରହିଛି । ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ଏହି ବ୍ରତର ମହତ୍ତ୍ୱକୁ ବ୍ୟାଖ୍ୟା କରି କହିଥିଲେ ଏହି ତିଥିରେ ଅଧିଦେବତା ହେଉଛନ୍ତି ଭଗବାନ ନାରାୟଣ । ଏହି ତିଥିରେ ସମସ୍ତ ପାପନାଶ ହୋଇଥାଏ ।

ପୂର୍ବକାଳରେ ଭଦ୍ରାବତୀପୁରୀ ରାଜା ସୁକେତୁମାନ ଶାସନ କରୁଥିଲେ । ତାଙ୍କର କୌଣସି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଚିନ୍ତା ଚିନ୍ତାରେ ରହୁଥିଲେ । ଦିନେ ରାଜା ରାଜପରିବାରର କୌଣସି ସଦସ୍ୟଙ୍କୁ ନ ଜଣାଇ ବନ୍ୟ ଭ୍ରମଣ କରିବା ପାଇଁ ବାହାରିଲେ । ରାଜା ବନର ଶୋଭାକୁ ଦେଖି ଦେଖି ବିମୁଗ୍ଧ ହୋଇଗଲା । ରାଜା ଭୋଗ ଶୋଷରେ ଆଉଟୁ ପାଉଟୁ ହୋଇ ଖାଦ୍ୟ ସଂଗ୍ରହ ପାଇଁ ଖୋଜିବୁଲିଲେ । ଶେଷରେ ଏକ ସରୋବର ଓ ସରୋବର ତଟରେ ଅନେକ ମୁନିଋଷି ମାନଙ୍କର ଆଶ୍ରମ ସ୍ଥାନ ରହିଥିବାର ଦେଖିଲେ । ଏହା ରାଜାଙ୍କ ପାଇଁ ସୌଭାଗ୍ୟ ଥିଲା । ସେ ତତ୍‌କ୍ଷଣାତ ଘୋଡ଼ା ଉପରେ ବସି ସରୋବର ନିକଟରେ ପହଞ୍ଚି ସମସ୍ତ ମୁନିଋଷିମାନଙ୍କୁ ବନ୍ଦନା କରିବାକୁ ଲାଗିଲେ । ତାଙ୍କର ବନ୍ଦନାରେ ମୁନିଋଷିମାନେ ପ୍ରସନ୍ନ ହେଲେ । ରାଜା ମୁନି ମାନଙ୍କୁ ଦେଖି ପଚାରିଲେ ଆପଣମାନେ କିଏ ? ଆପଣଙ୍କ ନାମ କ'ଣ ତଥା ଆପଣମାନେ ଏଠାରେ ଏକତ୍ର ହୋଇଛନ୍ତି କାହିଁକି ? ମୁନି କହିଲେ ଆମେ ସମସ୍ତେ ବିଶ୍ୱଦେବ । ସ୍ନାନ କରିବାକୁ ଆସିଛୁ । ମାଘମାସ ନିକଟରେ ଆସୁଛି । ଆଜି ଠାରୁ ପାଂଚଦିନ ଧରି ମାଘ ସ୍ନାନ ଆରମ୍ଭ ହେବାକୁ ଯାଉଛି । ଆଜି ହିଁ ପୁତ୍ରଦା ଏକାଦଶୀ । ଯିଏ ଏହି ବ୍ରତ ପାଳନ କରିବ ତାର ପୁତ୍ର ହେବ । ରାଜା କହିଲେ ହେ ବିଶ୍ୱେଦେବଗଣ ଯଦି ଆପଣମାନେ ମୋ ଉପରେ ପ୍ରସନ୍ନ ଅଛନ୍ତି ତ ମୋତେ ପୁତ୍ର ଦିଅନ୍ତୁ । ମୁନି କହିଲେ ରାଜନ ଏହି ବ୍ରତ ବହୁତ ବିଖ୍ୟାତ, ଆଜିଠାରୁ ଏହି ବ୍ରତ ପାଳନ କରନ୍ତୁ । ମହାରାଜା ଭଗବାନ କେଶବଙ୍କ ଆଶୀର୍ବାଦରୁ ଆପଣଙ୍କୁ ପୁତ୍ର ସ

ଦୈନିକ
ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୧୦ ମାର୍ଚ୍ଚ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ମହିଳା ଦିବସ ରେ ଶ୍ରେଷ୍ଠ ମହିଳାଙ୍କୁ ସମ୍ବର୍ଦ୍ଧନା, ପୁରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ

ପୁରୀ, ୦୯/୦୩ (ଆ.ପ୍ର) : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ତାଳବଣିଆ ଠାରେ ଅନୁଷ୍ଠିତ ହୋଇଥିଲା ସୁଭଦ୍ରା ୪ ର୍ଥ କିସ୍ତି ପ୍ରଦାନ ଉତ୍ସବ । ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଚୁଆଳ କରିବା ସହ ୧କୋଟିରୁ ଊର୍ଦ୍ଧ୍ୱ ସୁଭଦ୍ରା ମା ମାନଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା ଲେଖାଏଁ ଅନଲାଇନ ମାଧ୍ୟମରେ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପୁରୀ ଲୋକସଭା ସାଂସଦ ଡା ସମିତ ପାତ୍ର, ପିପିଲି ବିଧାୟକ ଅଶ୍ରୁତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବୁଢ଼ୁଗିରି ବିଧାୟିକା ଉପାସନା ମହାପାତ୍ର, ମହିଳା ଶିଶୁ ବିକାଶ କମିଶନର ସେଲୁଟାରୀ ମୃଣାଳିନୀ ଦରଶ୍ୱାଲ, ନିର୍ଦ୍ଦେଶିକା ମନିଷା ବାଳାର୍ଜୀ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍କୃଷ୍ଟତା ଲାଭ କରିଥିବା ମହିଳା ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ପୁରୀ ସମାଜ କଲ୍ୟାଣ ଅଧିକାରୀ ତନୁପ୍ରିୟା ବେଦରାଙ୍କୁ ସମଗ୍ର ରାଜ୍ୟର ଶ୍ରେଷ୍ଠ ଡିଏସଡବ୍ଲୁ ଭାବେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଶ୍ରେଷ୍ଠ ଶିଶୁ ସୁରକ୍ଷା ଅଧିକାରୀ ଭାବେ ମୟୂରଭଞ୍ଜର ମମତାମୟୀ ବିଶ୍ୱାଳଙ୍କୁ, ଦେବଗଡ଼ ଜିଲ୍ଲା ବାରକୋଟ କାଲା ୮ ସେକ୍ଟରର ଅଙ୍ଗନବାଡି କର୍ମୀ ରଜନୀପ୍ରା ବିଶ୍ୱାଳଙ୍କୁ, ନୟାଗଡ଼ ଜିଲ୍ଲା ରଣପୁର ଡମସାହି ସେକ୍ଟରର ଅଙ୍ଗନବାଡି କର୍ମୀ ମାନବୀ ଭାଷଙ୍କୁ, ସୁନ୍ଦରଗଡ ଜିଲ୍ଲା ଜିଲଡେରା ସ୍କୁଲପଡା ସେକ୍ଟରର ଅଙ୍ଗନବାଡି କର୍ମୀ ସୁଦର୍ଶୀତା ବଣ୍ଡସେନାଙ୍କୁ ଓ ଗଜପତି ଜିଲ୍ଲାର ପ୍ରଧାନମନ୍ତ୍ରୀ ଗାଣ୍ଡାୟ ବାଲ ପୁରସ୍କାର ପାଇଥିବା ଜ୍ୟୋତ୍ସ୍ନା ଶବରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ।

୩୭ ତମ ବାର୍ଷିକ ତେରଶମ୍ବୁ ମିଳନ କାର୍ଯ୍ୟ ଅନୁକୂଳ ପାଇଁ ମନ୍ଦିରରେ ପୂଜାର୍ଚ୍ଚନା

ବାଲିଗୁଡ଼ା, ୦୯/୦୩ (ଆ.ପ୍ର) : ବଲ୍ଲମାନ ଜିଲ୍ଲା ବାଲିଗୁଡ଼ାସ୍ଥିତ ପଂଚୁବଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୭ ତମ ବାର୍ଷିକ ତେରଶମ୍ବୁ ମିଳନ ସମାରୋହ ଆୟୋଜନ ନିମିତ୍ତେ ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଚଖଣ୍ଡା ମନ୍ଦିର ଓ ମା' ଦକ୍ଷିଣ କାଳୀ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚାଳକ ରାଜ କିଶୋର ଦାସଙ୍କ ଆବାହକତ୍ୱରେ ଏକ ଅନୁକୂଳ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏପ୍ରିଲ ୫ ତାରିଖ ରବିବାର ଦିନ ତେର ଶମ୍ବୁ ମିଳନ ଉତ୍ସବ ଆୟୋଜନ କରିବା ପାଇଁ ସର୍ବ ପ୍ରଥମେ ପ୍ରକ୍ରମେ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ମା' ପାଚଖଣ୍ଡା ମନ୍ଦିରରେ ପୂଜାର୍ଚ୍ଚନା କରି ଶ୍ରୀ ଶ୍ରୀ ମା' ପାଚଖଣ୍ଡା ଏବଂ ଶ୍ରୀ ଶ୍ରୀ ଶ୍ରୀ ମା' ଦକ୍ଷିଣକାଳୀଙ୍କ ଆଶୀର୍ବାଦ ଆଜ୍ଞା କାମନା କରି ଶୁଭାରମ୍ଭ କରାଯାଇଥିଲା । ଏଥିରେ ସମିତିର ସମସ୍ତ ସଦସ୍ୟ ବିଭିନ୍ନ ବିଭାଗ ରେ ମୁଖ୍ୟ ଭାବେ ଥିବା ସମସ୍ତ କର୍ମକର୍ତା ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରାଯାଇଥିଲା ।

ଲୋପ୍ ପାଇବାକୁ ଲାଗିଲାଣି ଚାଳ ଛପର ଘର, ସଙ୍କଟରେ ଘର ଚଟିଆ ଓ ଘର ଛାଉଣୀ

ଯାଜପୁର, ୦୯/୦୩ (ଆ.ପ୍ର) : ଆଦିମ କାଳରୁ ସହର ଓ ଗ୍ରାମାଂଚଳରେ ଚାଳଘର ପ୍ରତି ଲୋକମାନଙ୍କର ଆଦର ଓ ଆକୃଷ୍ଟ ଥିଲା । ଏହି ଚାଳ ଘରେ କଟୁ ସଂଖ୍ୟକ ପରିବାର ଏକତ୍ରିତ ହୋଇ ଶାନ୍ତି ରେ ଜୀବନ ଯାପନ କରୁଥିଲେ । କାଳକ୍ରମେ ଆଧୁନିକ ସଭ୍ୟତାର ପରିବର୍ତନ ଘଟିଥିବାରୁ ସହର ସହିତ ଗାଁ ଗଣ୍ଡାରୁ ଚାଳ ଛପର ହଳି ହଳି ଯିବାରେ ଲାଗିଛି । ଯଦିଓ ଚାଳ ଛପରଘର ସହର ମଧ୍ୟରେ ଲୋପ ପାଇବାକୁ ବସିଲାଣି କିନ୍ତୁ ଗ୍ରାମାଂଚଳରେ ଗାଁ ଗାଁ ଏହା ଦେଖୁବାକୁ ମିଳୁଛି । ପକ୍କାଘର ପ୍ରତି ମୋହ, ଛପର ଘର ପ୍ରତି ଥିବା ବିପଦ କାରଣରୁ ଆଗକୁ ଏହା ସାତବପନ ହୋଇପଡିବ ବୋଲି ମତ ପ୍ରକାଶ ପାଇଛି । ଯାହା ଫଳରେ ସହର ଓ ଗାଁ ମଧ୍ୟରେ ଥିବା ଚାଳଘରେ ବସାବାନ୍ଧି ରହୁଥିବା ଘରଚଟିଆ ଚଢେଇର ବସା ଓ କିଟିରି ମିଟିରି ସ୍ୱର ଆଉ ଶୁଣିବାକୁ ମିଳୁନାହିଁ । ସମୟ ଥିଲା ଲୋକେ ଚାଳଘରେ ରାଜର ଜୀବନ ଅତିବାହିତ କରିବା ସହ ଶାନ୍ତିରେ ବସବାସ କରୁଥିଲେ । କେତେକ ପରିବାର ଖଞ୍ଜାଘରକୁ ବେଶ ପସନ୍ଦ କରୁଥିଲେ । ଦିନକୁ ଦିନ ଦିନ ସେ ସବୁ ଜିନିଷ ଲୋପ

ପାଇଲାଣି । ଏହି ଘର ବର୍ଷକୁ ଥରେ ଛପର କରିବାକୁ ପଡୁଥିବା ବେଳେ ଏହାକୁ ଛପର କରିବାକୁ ମଧ୍ୟ ଛାଆଳି ମିଳୁନାହାନ୍ତି । ବର୍ତମାନ ଚାଳଘରେ ରହିବା ଛାଡି କୋଠାଘରକୁ ଲୋକେ ପସନ୍ଦ କରୁଛନ୍ତି । ଦିନକୁ ଦିନ ଏବେ ଗରମ ବଢ଼ିଚାଲିଥିବା ବେଳେ ଖରାଦିନେ ଚାଳ ଛପର ଘର ବେଶ ଆରମ୍ଭଦାୟକ ହେଉଥାଏ । ଛଣ, କେଚଟ, ବାଉଁଶ, ଛପର ମଜୁତୀ ବୃଦ୍ଧି ପାଇବାରୁ ସାଧାରଣ ଲୋକଟିଏ ପ୍ରତିବର୍ଷ ଛପର କରିବା ପାଇଁ ଜଷ୍ଟକର ହୋଇପଡିଛି । ଯାହା ଫଳରେ ଚାଳଘର ପ୍ରତି ଲୋକଙ୍କ ଆଗ୍ରହ ଧିରେଧିରେ କମି ଆସୁଥିବା ଦେଖିବାକୁ ମିଳିଛି । କିନ୍ତୁ ଚାଳଘର ରେ ଯେଉଁ ଆରାମ୍ ମିଳିଥାଏ, ତାହା ଛାତ ଘରେ ମିଳେ ନାହିଁ ।

ଝରିଗାଁ ବ୍ଲକରେ ଜନଶୁଣାଣି ଶିବିର, ୩୦ଟି ଅଭିଯୋଗ ଗ୍ରହଣ

ଝରିଗାଁ, ୦୯/୦୩ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପଂଚାୟତ ସମିତି ସଭିକନୀ ଗୃହରେ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଓ ଆରକ୍ଷୀ ଅଧିକ୍ଷକ ମଙ୍କର ସମ୍ବାଦ ସମ୍ପର୍କରେ ଯୁକ୍ତ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ମୁଖ୍ୟ ଜନ୍ୟୟନ ଅଧିକାରୀ ବିରଂଚି ନାରାୟଣ ଦରଶ୍ୱାଳ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ମଧୁସୂଦନ ମାଝୀ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ମୋଟ ୩୦ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା । ସେଥିରୁ ୨୨ଟି ବ୍ୟକ୍ତିଗତ ଓ ୮ଟି ସାମୁହିକ ସମସ୍ୟା ସମ୍ବନ୍ଧୀୟ ଥିଲା । ଏଥିରୁ ୧ଟି ଅଭିଯୋଗର ସମାଧାନ ସ୍ଥଳରେ ହିଁ କରାଯାଇଥିଲା । ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଦ୍ୟାଙ୍କମାନଙ୍କୁ ୮ଟି ହୁଇଲଚେୟାର ଓ ୨ଟି ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା । ଦୁଇଜଣ ବିଦ୍ୟାଙ୍କୁ କୃତିମ ଅଙ୍ଗ ପ୍ରଦାନ ପାଇଁ ମାପ ନିଆଯାଇଥିବାବେଳେ ୧୩ଜଣ ଆହତ ଓ ଅକ୍ଷମ ରୋଗୀଙ୍କୁ ଜନ୍ମତ ଚିକିତ୍ସା ପାଇଁ ପୁନର୍ବାସ କେନ୍ଦ୍ରକୁ ପଠାଇବା ପାଇଁ ପଦକ୍ଷେପ ନିଆଯାଇଛି ।

ତିର୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜରତସିଂହପୁର, ୦୯/୦୩ (ଆ.ପ୍ର) : ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୧୧୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୯୯ ଟୋଟି, ସୋଷ୍ଟାଲିତ ସମସ୍ୟା ସମ୍ବନ୍ଧୀୟ /ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ୧୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ବନ୍ଧୀୟ ୧୧ ଟି, ଆବାସ ଯୋଜନା ସମ୍ବନ୍ଧୀୟ ୨୫ ଟି ,ଜମିମପା ସମସ୍ୟା ସମ୍ବନ୍ଧୀୟ ୨୩ ଟି, ଭତା ପାଇବା ପାଇଁ ୮ ଟି, ପୋଲିସ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦ ଟି ଅଭିଯୋଗର ତତକାଳ ପଦକ୍ଷେପ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ତହସିଲଦାର, ତିର୍ତୋଲ, ମହେଶ୍ୱର ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ ।ଆଜି ତିର୍ତୋଲ ବ୍ଲକ ର ନୂତନ ସଭିକନୀ ଭବନ ଉଦ୍ଘାଟନ କରାଯାଇଥିଲା ।

ବେଆଇନ କ୍ରସର ୟୁନିଟରେ ପୋଲିସର ଚଢ଼ାଉ, ଗୋଡି ବୋଝେଇ ୨ ଟ୍ରାକ୍ଟର ଜବତ

ଖଣ୍ଡପଡ଼ା, ୦୯/୦୩ (ଆ.ପ୍ର) : ଖଣ୍ଡପଡ଼ା ତହସିଲ ଅଧିନସ୍ଥ ସିଂଘାପଡ଼ା ପଂଚାୟତର ବରାଗଣ୍ଡ ମୌଜାରେ ବେଆଇନ ଭାବେ ଚାଲିଥିବା ଏକ କ୍ରସର ୟୁନିଟ ଯୋଗୁଁ ପାହାଡ ଓ ଜଙ୍ଗଲ ସମ୍ପଦ ଧ୍ୱଂସାତ୍ମିମୁଖୀ ଆଡକୁ ଗତି କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଉଠାଇ ତହସିଲ ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକଙ୍କ ଦୃଷ୍ଟି ଆକର୍ଷିତ କରିଥିଲେ । ଅଭିଯୋଗ ଆଧାରରେ ଖଣ୍ଡପଡ଼ା ଥାନାଧିକାରୀ ସଦନବଳେ ସୋମବାର ଅପରାହ୍ନରେ ଅଚାନକ ଭାବେ ବରଗଣ୍ଡ ମୌଜାରେ ଚାଲିଥିବା କ୍ରସର ୟୁନିଟ ଉପରେ ଅଚାନକ ଚଢ଼ାଉ କରିଥିଲେ । ସେଠାରୁ ଗୋଡି ବୋଝେଇ ହୋଇ ଯାଉଥିବା ୨ଟି ଟ୍ରାକ୍ଟରକୁ ପୋଲିସ ଜବତ କରି ଖଣ୍ଡପଡ଼ା ଥାନାରେ ଅଟକ ରଖିଥିବା ଜଣାଯାଇଛି । ପୋଲିସର କାର୍ଯ୍ୟାନୁଷ୍ଠାନକୁ ଆଖପାଖ ଗ୍ରାମର ବାସିନ୍ଦା ସ୍ୱାଗତ କରିଥିବା ବେଳେ ବେଆଇନ ଭାବେ ଚାଲିଥିବା ଏହି କ୍ରସର ୟୁନିଟଟିକୁ ସଂପୂର୍ଣ୍ଣ ଗୁପେ ବନ୍ଦ ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବରଗଣ୍ଡ, ହରିନ୍ଦରପ୍ରସାଦ, କୁଞ୍ଜ ବିହାରୀପ୍ରସାଦ, କଂଚାବଣିଆ ପ୍ରଭୃତି ଗ୍ରାମର ବାସିନ୍ଦା ଦାବି କରିଛନ୍ତି ।

୧୫୫ଲିଟର ଦେଶୀ ମଦ ସହିତ ୩ପୁରୁଷ ୨ମହିଳା ଗିରଫ ଅବକାରୀ

ଟାଙ୍ଗୀ ଗୋଦାର, ୦୯/୦୩ (ଆ.ପ୍ର) : ଅବକାରୀ ସୁପରଣ୍ଟେଣ୍ଡେଣ୍ଟ ଟଙ୍କ ନିର୍ଦ୍ଦେଶରେ ଗୋଦାର ଅବକାରୀ ଥାନା ତରଫରୁ ଲକ୍ଷଣ ପୁର, ଓ ସି ଏଲ, ନଖରା, ଶନାଗାଁ ଆଦି ବିଭିନ୍ନ ଅଂଚଳରେ ଚଢ଼ାଉ କରି ହାତରନ୍ଧା ଦେଶୀ ମହୁଲି ମଦ ବିପୁଳ ପରିମାଣର ଜବତ୍ କରିଛି । ଏହି ଚଢ଼ାଉରେ ୧୫୫ ଲିଟର ଦେଶୀ ମହୁଲି ମଦ ସହିତ ୩ଜଣ ପୁରୁଷ ଓ ୨ ଜଣ ମହିଳା ମୋଟ୫ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟର କହିଛନ୍ତି । ଏହି ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଗୌଦ୍ୱାର ଅବକାରୀ ଥାନାର ଜନଜେଜେଟର ଭକ୍ତ ବସନ ବର୍ମା, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଳ, ଲକ୍ଷ୍ମଣ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ରହିଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ଅଛି । ଆସାମୀ ମାନଙ୍କର ନାମ ଯଥା କ୍ରମେ ଶଳଗାଁର ଶିବରାମ ମଲ୍ଲିକ, ଜଗତପୁରର ଏଣ୍ଟିଆ ରାଓ, ଲକ୍ଷଣପୁରର ଶଙ୍କର ସ୍ୱାଇଁ, ନଖରାର ପି. ରାମା, ଓ ସି ଏଲର ମୁକ୍ତା ସୋରେନ ବୋଲି ଜଣା ପଡ଼ିଛି ।

ଜଣାଶୁଣାନି ଚାଲିଥିବା ବେଳେ ବ୍ଲକ ଆଗରେ ଧାରଣା ବସିଥିଲେ ଦକ୍ଷିଣ ପ୍ରହରାଜପୁର ସେବା ସମବାୟ ସମିତିର ଋଷୀ

ବାଲିଆପାଳ, ୦୯/୦୩ (ଆ.ପ୍ର) : କନେଶ୍ୱର ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା । ଶିବିର ବୁଲି ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା, ପାଣି, ପଣ୍ଡିମଡଙ୍କୁ ଚୋରା ମାଟି ଓ ବାଲି ଚାଲାଣ, ଧାନ ବିକ୍ରି ଓ ଶିଶୁ ବଦିକା ଉପରେ ଅଭିଯୋଗ ଆସିଥିଲା । ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ଓ ଏସପି ଅନୁପସ୍ଥିତ ଥିବା ବେଳେ, ମୁଖ୍ୟ ଜନ୍ୟୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବାଲେଶ୍ୱର ବିଶ୍ୱରଂଜନ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଙ୍କ ଉପସ୍ଥିତି ରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ । ତେବେ ଜିଲ୍ଲାପାଳ ନଥିବାରୁ ଅନେକ ଲୋକେ ଫେରି ଯାଇଥିଲେ । ସେହି ପରି ଜଣାଶୁଣାନି ଚାଲିଥିବା ବେଳେ ବ୍ଲକ ଆଗରେ ଧାରଣା ବସିଥିଲେ ଦକ୍ଷିଣ ପ୍ରହରାଜପୁର ସେବା ସମବାୟ ସମିତି ଅନ୍ତର୍ଗତ ଋଷୀ ଓ ଡ଼ାଇରେକ୍ଟରମାନେ ଧାନ ବିକ୍ରୟ କରିବା ପାଇଁ ସମବାୟ ସମିତିରେ ୫୪୩ଜଣ ଋଷୀ ପଞ୍ଜିକରଣ କରିଥିଲେ । ସେଥିରୁ ୫୪୨ ଜଣ ଋଷୀଙ୍କର ଟୁକନ ଆସିଥିଲା । ସେମାନଙ୍କର ଟୁକନ ଅନୁସାରେ ୨୧,୫୦୦ କୁଇଂଟାଲ ଧାନ ବରଦାର । ମାତ୍ର ୯,୦୦୦ କୁଇଂଟାଲ ଟାର୍ଗେଟ ଆସିଥିଲା । ତା.୦୮.୦୩. ୨୦୨୬ରିଖ ସୁଦ୍ଧା ୭,୯୦୦ କୁଇଂଟାଲ ଧାନ କ୍ରୟ ହୋଇଛି । ଯାହାକି ୨୪୪ଜଣ ଋଷୀ ଧାନ ଦେଇଛନ୍ତି । ତେଣୁ ୩୦୦ରୁ ଅଧିକ ଋଷୀ ସେମାନଙ୍କ ଧାନର ପରିମାଣ ୧୩, ୬୦୦ କୁଇଂଟାଲ ବରଦାର ହେଉଥିବାବେଳେ ଧାନର ଟାର୍ଗେଟ ସରିଯାଇଛି । ଆମ ସେବା ସମବାୟ ସମିତିକୁ ବୁଇଟି ମିଲରୁକୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ଥିବାବେଳେ ଗୋଟିଏ ମିଲରଙ୍କ ଟାର୍ଗେଟ ସରିଯାଇଛି । ବାକି ଅନ୍ୟ ଗୋଟିଏ ମିଲର ଗୋଟିଏ ଗୋଟିଏ ରାତି କରି ଅଳ୍ପ ଧାନ କିଣୁଛି । ଆମ ପାଖ ସେବା ସମବାୟ ସମିତି ମାନଙ୍କରେ ୮୫%ରୁ ୯୦% ଧାନ କିଣା ଯାଇଥିବାବେଳେ ଆମ ସେବା ସମବାୟ ସମିତି ଅଣଦେଖା କରି ବର୍ତମାନ ସୁଦ୍ଧା ୩୫%ରୁ ଅଧିକ ଧାନ କିଣାଯାଇଅଛି । ସରକାରଙ୍କ ସମୟ ଅନୁସାରେ ୩୧ମାର୍ଚ୍ଚ ୨୦୨୬ ଶେଷ ତାରିଖ ଥିବାବେଳେ ଆଉ ୨୨ଦିନ ଭିତରେ ଗୋଟିଏ ମିଲର ଧାନ କିଣି ସାରି ପାରିବେ ନାହିଁ । ୭ ଦିନ ମଧ୍ୟରେ ସରକାର ଯଦି ସଠିକ୍ ପଦକ୍ଷେପ ନ ନିଅନ୍ତି ତେବେ ଆମ୍ଭେମାନେ ସେବା ସମବାୟ ସମିତି ଆଗରେ ରାସ୍ତା ରୋକ ଆନ୍ଦୋଳନ କରିବୁ ।

ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ରାମଗାର ନିର୍ମାଣ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ

କନ୍ଧମାଳ, ୦୯/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର ବହୁ ପୁରାତନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ଏସ୍‌ସିସ୍ ସରକାରୀ ମହିଳା ମହାବିଦ୍ୟାଳୟ ରାଜରାସ୍ତାରୁ ଲାଗି ରହିଅଛି । ଏହି ଦୁଇଟି ମହାବିଦ୍ୟାଳୟ ଜିଲ୍ଲାର ବହୁ ପୁରାତନ ମହାବିଦ୍ୟାଳୟ । ଏହି ଦୁଇ ମହାବିଦ୍ୟାଳୟରେ ଶହ ଶହ ଛାତ୍ରଛାତ୍ରୀ ନିଜ ନିଜର ଭବିଷ୍ୟତ ଗଢିବା ନିମନ୍ତେ ଶିକ୍ଷା ଲାଭ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଆସୁଛନ୍ତି । ପୁବେଶ ଫାଟକ ନିକଟରେ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଏକ ବିଶ୍ରାମାଗାର କିମ୍ବା ବସଣ୍ଡ ଅପେକ୍ଷା କରିବା ନିମନ୍ତେ କୋଣସି ପ୍ରକାର ଆଶ୍ରୟସ୍ଥଳୀ ନଥିବାରୁ ଛାତ୍ର ଛାତ୍ରୀ ମାନେ ବାଧ୍ୟ ହୋଇ ଦୋକାନ ପାଖରେ ଦୋକାନ, ଚା'ଦୋକାନ, ହୋଟେଲ, ଗାରାଜର ଗଛ ତଳ ପାଇବା ସହ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଯାହାକି, ବିଶ୍ରାମାଗାର ନିର୍ମାଣ ପାଇଁ ବିଜୁ ଜନତାଦଳର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରାଓ ବିଜୁ ଜନତା ଦଳର ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ବେହେରା ଏକ ଲିଖିତ ଆକାରରେ କନ୍ଧମାଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେଇଛି । ଏ ସବୁକୁ ଆଖି ଆଗରେ ରଖି ଦୁଇ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ବିଶ୍ରାମ ନିମନ୍ତେ ମହାବିଦ୍ୟାଳୟ ନିକଟରେ ପର୍ଯ୍ୟାପ୍ତ ଦୁଇଟି ବିଶ୍ରାମାଗାର ନିର୍ମାଣ ପାଇଁ ବିଜୁ ଜନତାଦଳର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରାଓ ବିଜୁ ଜନତା ଦଳର ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ବେହେରା ଏକ ଲିଖିତ ଆକାରରେ କନ୍ଧମାଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନା

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୦ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଜିଲ୍ଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ-୨୦୨୬ ପାଳନ ସହ ନୂତନ ଜିଲ୍ଲା କାର୍ଯ୍ୟକାରିଣୀ କମିଟି ମନୋନୀତ

ଧାମନଗର, ୦୯/୦୩ (ଆ.ପ୍ର) : ନିଖିଳ ଭାରତ ନମ୍ର ମାଧ୍ୟମିକ ଶିକ୍ଷକ ସଂଘ (ଓଲଷ୍ଟା) ତରଫରୁ ଜିଲ୍ଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ-୨୦୨୬ ମହା ସମାରୋହରେ ପାଳିତ ହୋଇଥିବା ବେଳେ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି । ଏହି ଅବସରରେ ରବିବାର ଧାମନଗର ବ୍ଲକ ଅନ୍ତର୍ଗତ ମାଧ୍ୟାଧର ଭଜ ପ୍ରାଥମିକ ବିଦ୍ୟାଳୟ ପରିସର ଡିଗୋ କୋଠାର ପାରେ ବୁଢିଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସଂଘର ଜିଲ୍ଲା ସଭାପତି ନକୁଳ ଚରଣ ବାରିକଙ୍କ ସୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ରାଜ୍ୟ ସୁଗ୍ମ ସମ୍ପାଦକ ରୋହିତ କୁମାର ଜେନା ଉଦଘାଟକ ଭାବେ ଯୋଗ ଦେଇ ପ୍ରଥମ ଅଧିବେଶନ ଓ ସାଧାରଣ ବୈଠକକୁ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭୀମସେନ ହୋ,ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶଶଧର ମହନ,ଅଲେଖ ଚନ୍ଦ୍ର ନାୟକ, ଧାମନଗର ଏମିଇଓ ସତ୍ୟ ଷ୍ଟର ପରିଡା,ବାସୁଦେବପୁର ଏମିଇଓ ତପନ କୁମାର ବ୍ୱିବେଦୀ,ପୁରୁଷୋତମ ଧଳ,ଅଶୋକ କୁମାର ସାମଲ,ଘନଶ୍ୟାମ ସ୍ୱାଇଁ,ରାଜ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ,ସଞ୍ଜୟ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇ ସଂଘର ଉନ୍ନତି ଓ ସୁସଂଗଠିତ କିପରି ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସଂଘର ବ୍ଲକ ସମ୍ପାଦକ ମନୋଜ କୁମାର ସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମ୍ପାଦକ ଜଯେନ୍ଦ୍ର କୁମାର ବିଶ୍ୱାଳ ସମ୍ପାଦକୀୟ ପଠନ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।ଶେଷରେ ଚକ ବ୍ଲକର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସଂଘର ରାଜ୍ୟ ସଭାପତି ବିକ୍ରମ କୁମାର ଦାସଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସୁଭାଷ କୁମାର ବେହେରା,ରପସଜିଲାପତି ଅଶୋକ କୁମାର ରାଉତ,ସମ୍ମାନିତ ଅତିଥି ଭାବେ ଗଳା ସଂଘର ଶିକ୍ଷକ ଦର୍ପଣର ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ,ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ,ମୁଖ୍ୟ ସମ୍ପାଦକ ପ୍ରଭାସ କୁମାର ସିଂହ ପ୍ରମୁଖ ଯୋଗ ଦେଇ ସଂଘକୁ ଜିଲ୍ଲାରେ ମଜବୁତ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ନୂତନ କମିଟି ଗଠନ କରାଯାଇଥିଲା । ଜିଲ୍ଲା କାର୍ଯ୍ୟକାରିଣୀ କମିଟିର ସଭାପତି ଭାବେ ଶାନ୍ତିଲତା ପଣ୍ଡା,ସମ୍ପାଦକ ଭାବେ ମାଧ୍ୟାଧର ଦାସ ମନୋନୀତ ହୋଇଛନ୍ତି । ଏଥିସହିତ ସଦସ୍ୟ ସଦସ୍ୟା ମାନଙ୍କୁ ନେଇ ଏକ ୧୩ ଜଣିଆ କମିଟି ଗଠନ କରାଯାଇଛି । ଏହି ଜିଲ୍ଲାସ୍ତରୀୟ ସମ୍ମିଳନୀରେ ୭ଗୋଟି ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

କବି ଶ୍ୟାମ ସେନାପତିଙ୍କ ଭିଏତନାମ ଯାତ୍ରା

ପୁରୀ, ୦୯/୦୩ (ଆ.ପ୍ର) : ଶ୍ରୀକ୍ଷେତ୍ରର କବି, ସଂଗଠକ ଓ ଅର୍ଦ୍ଧନାରୀଶ୍ୱର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ୧୦ ଦିନିଆ ଭିଏତନାମ ଗସ୍ତ କରିଛନ୍ତି । ଭିଏତନାମ କଳା, ସଂସ୍କୃତି ବିଭାଗ ଏବଂ କିଏତନାମ ଓଡ଼ିଶା ସମ୍ପର୍କର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ରାଜଧାନୀ ହାନୋଇରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲିଛନ୍ତି । ଭାରତ ସହିତ ଭିଏତନାମର ସମ୍ପର୍କ ଏବଂ ଭିଏତନାମର ଇତିହାସକୁ ନେଇ ଏକ ଡକ୍ୟୁମେଂଟାରି ଓ ପୁସ୍ତକ ପ୍ରକାଶ ପାଇବ ବୋଲି ଶ୍ରୀ ସେନାପତି କହିଛନ୍ତି । ପୂର୍ବରୁ ନେପାଳ, ଭୁଟାନ, ସିଙ୍ଗାପୁର, ବ୍ୟାଙ୍କକ୍ସ, ମାଲେସିଆ ଗସ୍ତ କରି ଓଡ଼ିଆ ଭାଷା ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ବ୍ୟାଙ୍କ ସଂସ୍ଥାରେ ବିଶ୍ୱ ରେକର୍ଡ ବିଜେତା ହୋଇଛନ୍ତି । ଶ୍ରୀସେନାପତିଙ୍କ ଏହି ଯାତ୍ରା ଭିଏତନାମ ଓ ଓଡ଼ିଶାର ସଂସ୍କୃତିରେ ସାହିତ୍ୟ କ୍ଷେତ୍ରରେ ସହଯୋଗ କରିବ ବୋଲି ଆଶା କରାଯାଇଛି ।

ମାଧମ ପାଉଣ୍ଡସେନ ପକ୍ଷରୁ ପେଟାପଙ୍ଗା ପଂଚାୟତରେ ମହିଳା ଦିବସ ପାଳନ

ରାଇକିଆ, ୦୯/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ପେଟାପଙ୍ଗା ପଂଚାୟତ ଠାରେ AWO international jermany Madhyam Foundation ତରଫରୁ ୮ ଟି ଗ୍ରାମରେ ୨୦୨୩ ମସିହା ଠାରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଆସୁଛି । ଆଜି ମହିଳାମାନଙ୍କୁ ନେଇ ଅନ୍ତର୍ଜାତୀୟ ମହିଳା ଦିବସ ମହାଆଡମ୍ବରରେ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ସରପଂଚ ପୁଷ୍ପଞ୍ଜଳି ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଦିବସଟିକୁ ଉଦଘାଟନ କରିଥିଲେ । ମହିଳାମାନେ କିପରି ଆତ୍ମ ନିର୍ଭରଶୀଳ, ସଶକ୍ତିକରଣ ହେବେ ଏବଂ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଉଦବୋଧନ ପ୍ରଦାନ କରିଥିଲେ । ସେହିପରି ପେଟାପଙ୍ଗା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିଭା ଦଣ୍ଡିଆ ମାଧମ ଫାଉଣ୍ଡେସନର କାର୍ଯ୍ୟକୁ ପ୍ରଶଂସା କରି ଲିଙ୍ଗଗତ ମତଭେଦ ନକରି ନିଜର ପୁଅ ଝିଅମାନଙ୍କୁ ସମାନ ଶିକ୍ଷା ପ୍ରଦାନ କରିବେ ସେ ସମ୍ପର୍କରେ ଉଦବୋଧନ ଦେଇଥିଲେ । ପେଟାପଙ୍ଗା ପଂଚାୟତର ଓଏନମ, ଓ ଏମଡିକେ ଦିଦି ସ୍ୱପ୍ନରାଣୀ ପ୍ରଧାନ ଓଡ଼ିଶା ଜୀବିକା ମିଶନରେ ମହିଳାମାନଙ୍କ ପାଇଁ ଆଗ ଛାଡ଼ ରଣ, ଯୋଜନା, ଷ୍ଟାମ୍ପ ପ୍ରକ୍ରିୟାକରଣ ବଳଗତ ଭାବରେ କିପରି ପେଟାପଙ୍ଗା ଗ୍ରୁପର ମା ମାନେ ଆର୍ଥିକ ଅଭିବୃଦ୍ଧି କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ । ଇପରୋକ୍ତ କାର୍ଯ୍ୟକ୍ରମକୁ ମାଧମ ଫାଉଣ୍ଡେସନର ପ୍ରୋଜେକ୍ଟ ଅଫିସର ନମିତା ପ୍ରଧାନ ଓ ସହକର୍ମୀମାନେ ପରିଚାଳନା କରିଥିଲେ ।

କଂଗ୍ରେସ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

ଲୋଗରାଇ, ୦୯/୦୩ (ଆ.ପ୍ର) : ଲୋଗରାଇ ବ୍ଲକ ମହିଳା କଂଗ୍ରେସ ପକ୍ଷରୁ ଆଜି ଥାନାଛକ କମ୍ୟୁନିଟି ହଲ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ସୁଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ପଂଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ ଯୋଗ ଦେଇ ନାରୀ ସଶକ୍ତିକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ ଜେନା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତଥା ପସରଦିଶା ସରପଂଚ ସୁନ୍ଦର ବେହେରା, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଦୀପ ନାୟକ, ଗୋପବନ୍ଧୁ ମହାପାତ୍ର, ଜିଲ୍ଲା କଂଗ୍ରେସ ସମ୍ପାଦକ ମମତା ସାହୁ, ଶିଶିର ମହାପାତ୍ର, ଭମାରାଣୀ ଦାସ, ଲୋକ ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର , ରାଜେନ୍ଦ୍ର ପଣ୍ଡା, ଗଚନ ବାଗ, ରାଜେନ୍ଦ୍ର ବଳାଲ, ରାଧାବିନୋଦ ଦାସ, ବରିଷ୍ଠ ନେତା ଦୀପକ ଜେନା ପ୍ରମୁଖ ଉଦବୋଧନ ଦେଇଥିଲେ । ଏହି ଅବସରରେ ଲୋଗରାଇ ବ୍ଲକର ୫୦ ପଂଚାୟତରୁ ଆସିଥିବା ସମସ୍ତ ମହିଳା କଂଗ୍ରେସ ସଭାପତିଙ୍କୁ ଉପାୟନ ଓ ବୃକ୍ଷ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

ବ୍ଲକ୍ ପ୍ରଶାସନ ପକ୍ଷରୁ ୩୪ ଟି ଅଭିଯୋଗ ଶୁଣାଣି



ବାଲିଗୁଡ଼ା, ୦୯/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଗସ୍ତଖଣ୍ଡ ଅନ୍ତର୍ଗତ ଲ.ନୁଆଗାଁ ବ୍ଲକ୍ ପ୍ରଶାସନ ପକ୍ଷରୁ ମହାସିଙ୍ଗି ପଂଚାୟତ କାର୍ଯ୍ୟାଳୟ ଠାରେ ଅଭିଯୋଗ ଶୁଣାଣି ଶିବିରର ଅନୁଷ୍ଠିତ ହୋଇ ଯାଇଛି । ଏହି ଅଭିଯୋଗ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ ଯୋଗ ଦେଇ ଉକ୍ତ ପଂଚାୟତ ଜନ ସାଧାରଣଙ୍କ ପାଳୀୟ ଜଳ ପାଇଁ ନୂତନ ନଳକୂପ ଖନନ, କଂକ୍ରିଟ ରାସ୍ତା ନିର୍ମାଣ, ସୁଭଦ୍ରା ଯୋଜନା ସହାୟତା ନ ମିଳିବା ସମ୍ପର୍କେ, ବାଙ୍କବ୍ୟାଙ୍କ ବିଧବା ବିକଳାଙ୍ଗ ଭତା ଓ ରାସନ୍ କାର୍ଡ ଭଳି ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ମୋଟ ୩୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ବେଳେ ୭ ଟି ସାମୁହିକ ଓ ୨୭ଟି ବ୍ୟକ୍ତିଗତ ଥିଲା । ଏହି ଜନଅଭିଯୋଗ ଶୁଣାଣି ଶିବିରରେ ବ୍ଲକ ଅଧ୍ୟକ୍ଷ ସୁଲୋଚନା ପଦମବେହେରା, ସରପଂଚ ରଞ୍ଜିତ ମଲ୍ଲିକ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଜଂ.ଶୋଭମ୍ ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ,ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ସ୍ମିତି ସାଗର ପ୍ରଧାନ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ତ୍ରିନାଥ ନାୟକ, ମଙ୍ଗଳ ସମ୍ପାସାରଣ ଅଧିକାରୀ ବୁଲୁମାଝି ପତ୍ର, ଯୋଗାଣ ନିରୀକ୍ଷକ ପ୍ରୀତି ରଞ୍ଜନ ବିଶ୍ୱାଳଙ୍କ ସମେତ ପଂଚାୟତ ସ୍ତରୀୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ ।

ପାରଳାରେ ବିଶ୍ୱ ମହିଳା ଦିବସ ପାଳିତ

ପାରଳାଖେମୁଣ୍ଡି, ୦୯/୦୩ (ଆ.ପ୍ର) : ପାରଳାଖେମୁଣ୍ଡି ଠାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଅଗ୍ରଣୀ ଆକାଂକ୍ଷା ଅନୁଷ୍ଠାନ ତରଫରୁ ସ୍ଥାନୀୟ ଲଭ୍ଜନ ହିଂଡେଶିଣୀ ସମାଜ କକ୍ଷରେ ଅନୁଷ୍ଠିତ ଏହି ସମାବେଶରେ ସଭାନେତ୍ରୀ ଆଶଲତା ପାଣିଗ୍ରାହୀ ସଭାପତିତ୍ୱରେ କୁମୁଦିନୀ ଭୁଲ୍ଲା ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ମୁଖ୍ୟ ଅତିଥି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି, ସ୍ୱର୍ଣ୍ଣପ୍ରଭା ପାଠୀ ମୁଖ୍ୟବକ୍ତା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଜନା ମଂଗରାଜ, ମାନା କୁମାରୀ ତହଲ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ବକ୍ତାମାନେ ମହିଳା ସଶକ୍ତିକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ଏହି ଅବସରରେ ନିନ୍ଦୁର ସଂଘର ସଂପାଦିକା କଣ୍ଟିନୁର ଶେଖ୍ ଏବଂ ଅନୁମାଡ଼ଂଗିନୀ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଶ୍ରୀଷ୍ଟା ମିଶ୍ର, ବନ୍ଦିତା ପୁରୋହିତ, ସୁଜାତା ନନ୍ଦ, ସରିତା ପାଣିଗ୍ରାହୀ, ସ୍ୱାତୀ ସାହୁ ଓ ଅନେକାଂଶ ରଥ ସହଯୋଗ କରିଥିଲେ । ସେହିଭଳି ଅନ୍ୟତମ ଅଗ୍ରଣୀ ପ୍ରଗତି ଅନୁଷ୍ଠାନ ତରଫରୁ ସ୍ଥାନୀୟ ଡାଇଟ୍ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ତଥା ଡିଏଲ୍ଏସ୍ଏଚ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ବିଶିଷ୍ଟ ଅତିଥି ଭାବେ ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରସନ୍ନ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ଏସଡିଜେଏମ ବିଷ୍ଣୁପ୍ରିୟା ସାମଲରାୟ, ଡ.ଭାରତୀ ପାଣିଗ୍ରାହୀ, ବିଦିତ୍ରାନନ୍ଦ ବେବର୍ତ୍ତା, ଲୋକନାଥ ମିଶ୍ର, ମଧୁସୂଦନ ଦାସ, ତନୁଜା ଶତପଥୀ ଓ ଡାଲର ମୂର୍ତ୍ତି ମଂଗୀଶାନ ଥିଲେ । ନାରୀ ସଶକ୍ତିକରଣ ଓ ବିଭିନ୍ନ ଆଇନ ସମ୍ବନ୍ଧରେ ପ୍ରାଂଜଳ ଭାବେ ଅତିଥି ମାନେ ବୁଝାଇଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଜମନିନୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା ।

ସଦର ଥାନାକୁ ମିଳିଲା ବଡ ସଫଳତା, ୬ ଜଣ ଚୋରକୁ ଧରି କଲେ କୋର୍ଟ ଚାଲାଣ

ଯାଜପୁର, ୦୯/୦୩ (ଆ.ପ୍ର) : ଯାଜପୁର ସଦର ଥାନା ଏ ଏସ ଆଇ ସୁଶାନ୍ତ କୁମାର ଦାଶ ସଦଳବଳେ ସଂଧ୍ୟା ସମୟରେ ଯାଜପୁର ବ୍ଲକ ମାନଅାନନ୍ଦପୁର ପଂଚାୟତରେ ପେଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ତଲାଘଟି ଉଦ୍ୟମ କରୁଥିବା ୬ଜଣ ଚୋର କେଇଁଠାରେ ଚୋରି କରିବାଘାଟି ପ୍ରସ୍ତୁତ ହେଲାଥିବା ବେଳେ ଏଏସ ଆଇ ଶ୍ରୀ ଦାଶ ସେମାନଙ୍କୁ କାବୁ କରିବା ସହିତ ତାଙ୍କ ନିକଟରୁ ଚୋରି, ତଳାଘଟି ଆଦିରେ ବ୍ୟବହୃତ ହେଉଥିବା ଜିଞ୍ଜି ମାରଣାସ୍ତ୍ର ଯଥା ତିନୋଟି କଟୁରୀ, ଦୁଇଟି ଭୁଜାଳି , ଦୁଇଟି କୁଡ଼ା ଡଣ, ଜିଞ୍ଜି ଲଂଚା ରୁଲ୍ଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଯୁବକ ମାନେ ହେଲେ ଗତିକୃଷ୍ଣ ବଳାଇଙ୍କ ପୁଅ ଗୋବିନ୍ଦ ବଳାଇ(୧୯) ୪ ଗାଣ୍ଡୀ ବଳାଇଙ୍କ ପୁତ୍ର ଶଂକର ବଳାଇ (୨୦), ଶମନ ବଳାଇଙ୍କ ପୁଅ ସତ୍ୟ ପ୍ରକାଶ ବଳାଇ (୨୩), ଅଶୋକ ବେହେରାଙ୍କ ପୁଅ ଦୀପକ ବେହେରା(୨୩), ନିର୍ମଳ ବଳାଇଙ୍କ ପୁଅ ଶ୍ରୀକୃଷ୍ଣ ବଳାଇ(୨୯) ଓ କାଳୁ ମହାରଣାଙ୍କ ପୁଅ ଚଗୁଲ ମହାରଣା(୨୧) । ଏମାନେ ସମସ୍ତେ ମାନଅାନନ୍ଦପୁର ଓ ରୁଡ଼ିଆ ଅଂଚଳର ବୋଲି ଜଣାପଡିଛି । ଏମାନେ ବହୁ ଅପରାଧିକ ମାମଲାରେ ସଂପୃକ୍ତ ଥିବା ଓ ବିଭିନ୍ନ ସଦର ଥାନାରେ ଏମାନଙ୍କ ନାମରେ ମାମଲା ଥିବା ଜଣାପଡିଛି । ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା କେସ ନମ୍ବର ୮୪/୨୬ ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି ।

ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତିଙ୍କୁ ଆକ୍ରମଣ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଜଗତସିଂହପୁର, ୦୯/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି ଙ୍କୁ ଆକ୍ରମଣ ପ୍ରତିବାଦରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଜିଲ୍ଲାର ବରିଷ୍ଠ ସାମ୍ବାଦିକ । ରମେଶ ଚନ୍ଦ୍ର ମହାନ୍ତି ବୁଧୋଲୁଣ୍ଡୁ ଖବର ସଂଗ୍ରହ କରୁଥିବା ସମୟରେ ମାରଣାତ୍ମକ ଆକ୍ରମଣ ହୋଇଛି । ସେ ବର୍ତମାନ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ଏହିଯୁକ୍ତ ମାନଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ସାମ୍ବାଦିକ ସରୋଜ କୁମାର ନାୟକ, ପ୍ରଭାତ କୁମାର ସିଂହ, ବେଣୁଧର ନାୟକ, ସୁଜାତ ଚନ୍ଦ୍ର ସ୍ୱାଇଁ, ସଞ୍ଜୟ ମହାନ୍ତି, ବିଜୟ ସାହୁ, କିଶୋର ସାହୁ, ଜ୍ୟୋତିରଞ୍ଜନ ପରିଡ଼ା, ପ୍ରଦ୍ୟୁମ୍ନ କୁମାର ସାହୁ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେବାପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

ବ୍ଲକ୍ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ଓ ମୁଖ୍ୟ ଆରକ୍ଷୀ ଅଧିକାରୀ



କୁକୁଡ଼ାଖଣ୍ଡି, ୦୯/୦୩ (ଆ.ପ୍ର) : କୁକୁଡ଼ାଖଣ୍ଡି ବ୍ଲକ୍ ଅଧୀନ ସମସ୍ତ ପଂଚାୟତର ବିଭିନ୍ନ ସମସ୍ୟାକୁ ନେଇ ସୋମବାର ଦିନ କୁକୁଡ଼ାଖଣ୍ଡି ବ୍ଲକ୍ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶୁଣାଣି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ. କୀର୍ତ୍ତି ଭାରଣ, ବ୍ରହ୍ମପୁର ଆରକ୍ଷୀ ଅଧିକାରୀ ଡଃ. ଶ୍ରୁତଶ ବିଜେକ ଏମ୍ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ଏହି ଅଭିଯୋଗ ଶୁଣାଣିରେ କୁକୁଡ଼ାଖଣ୍ଡି ବ୍ଲକ୍ ଅଧୀନ ବିଭିନ୍ନ ପଂଚାୟତରୁ ଆସିଥିବା ଶତାଧିକ ଜନସାଧାରଣ ନିଜ ନିଜ ସମସ୍ୟା ନେଇ ଲିଖିତ ଓ ମୌଖିକ ଅଭିଯୋଗ ପ୍ରଦାନ କରିଥିଲେ । ମୁଖ୍ୟତଃ ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା, ବିଜୁଳି ସୁବିଧା, ରାସନ୍ କାର୍ଡ, ବାସଗୃହ ଯୋଜନା, ପେନସନ୍ ଓ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧୀୟ ୩୦୩ ଅଭିଯୋଗ ରଠିଥିଲା । ଜିଲ୍ଲାପାଳ ସମସ୍ତ ଅଭିଯୋଗକୁ ଗୁରୁତ୍ୱ ସହ ଶୁଣି ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତମଧ୍ୟରୁ ୩୨ଟି ଅଭିଯୋଗ ଜିଲ୍ଲାପାଳଙ୍କ ଦ୍ୱାରା ସଙ୍ଗେ ସଙ୍ଗେ ସମାଧାନ କରାଯାଇଥିଲା । ଏଥିରେ ଜିମ୍ବୁଷମ ଭତା ୧୧ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ, ୧୦ ଜଣଙ୍କୁ ରେଡ୍ କ୍ରସ ପକ୍ଷରୁ ୭୨୫୦୦ ଟଙ୍କା ପ୍ରଦାନ କରାଯାଇଥିଲା, ଦ୍ୱିଚକ୍ର ଚେୟାର-୩ଟି , ସିପି ଚେୟାର-୧ ପ୍ରଦାନ କରାଯାଇଥିଲା । ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକୁ ଖୁବ୍ ଶୀଘ୍ର ନିୟାକରଣ କରିବାକୁ ନିର୍ଦ୍

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୦ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଛତିଶଗଡ଼ ଓ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚାଲାଣ
ବେଳେ ୫୫ ପେକେଟ ଗଞ୍ଜେଇ ସହ ଦୁଇ ଗିରଫ

ବାଲିଗୁଡା, ୦୯/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ପୋଲିସ ଏସଆଇ ଅମରେନ୍ଦ୍ର ସୁଦୃଢ଼ି ଓ କର୍ମଚାରୀ ମାନଙ୍କ ସହିତ ବାରଖମା ଏବଂ ସଲାଗୁଡ଼ା ପଂଚାୟତ ଅଂଚଳରେ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉକ୍ତ ପଂଚାୟତ ର ପୁଇସାଗୁଡ଼ି ଏବଂ ଲୁଡକେଲିକିଆ ଗ୍ରାମର କିଛି ଗ୍ରାମବାସୀ ପୁଇସାଗୁଡ଼ି ଗ୍ରାମର ଏକ ଜଙ୍ଗଲ ଅଂଚଳରେ ବିକ୍ରୟ ନିମନ୍ତେ ଗଞ୍ଜେଇ ରଖିଥିବା ଏବଂ ସେମାନେ ସେହି ଗଞ୍ଜେଇକୁ ଛତିଶଗଡ ଏବଂ ମଧ୍ୟପ୍ରଦେଶ ଅଂଚଳ ଭଳି ବିଭିନ୍ନ ରାଜ୍ୟକୁ ଚାଲାଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଘଟଣା ସ୍ଥଳରେ ପୋଲିସ ଦଳ ପହଂଚି ଅତାଳକ ତଢ଼ାଉ କରିଥିଲେ । ତଢ଼ାଉ ସମୟରେ ପୁଇସାଗୁଡ଼ି ଗାଁର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ଏକ ପାହାଡ଼ୀ ସ୍ଥାନରେ କିଛି ବ୍ୟକ୍ତି ପଥୁରିଆ ପାହାଡ଼ ଭିତରେ ବସି ଗଞ୍ଜେଇ ବ୍ୟାଗ ସହିତ କିଛି ଆଲୋଚନା କରୁଥିବାରୁ ପୋଲିସ ଦଳ ଦେଖିବା ପରେ ସେମାନଙ୍କ ପାଖକୁ ଯିବା ମାତ୍ରେ ସେମାନେ ମୁଣ୍ଡ ଏଡ଼ାଇ କାଢ଼ିବାରେ ଲାଗିଲେ । ଏହା ଦେଖି ପୋଲିସ କର୍ମଚାରୀ ମାନେ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ କିଛି ଗଞ୍ଜେଇ ମାଫିଆ ଘଟଣା ସ୍ଥଳରୁ ଖସି ପଳାଇଥିଲେ । ପୋଲିସ ହାତରେ ଧରାପଡ଼ିଥିବା ଦୁହେଁ ବାଲିଗୁଡ଼ା ଆନା ସଲାଗୁଡ଼ା ପଂଚାୟତ ଲୁଡକେଲିକିଆ ଗ୍ରାମର କିଛି ଗ୍ରାମବାସୀ ପୁଇସାଗୁଡ଼ି ଗ୍ରାମର ଏକ ଜଙ୍ଗଲ ଅଂଚଳରେ ବିପୁଳ ପରିମାଣର ଗଞ୍ଜେଇ ରଖିଥିବା ଏବଂ ସେମାନେ ସେହି ଗଞ୍ଜେଇକୁ ଛତିଶଗଡ ଏବଂ ମଧ୍ୟପ୍ରଦେଶ ଅଂଚଳ ଭଳି ବିଭିନ୍ନ ରାଜ୍ୟକୁ ଚାଲାଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଘଟଣା ସ୍ଥଳରେ ପୋଲିସ ଦଳ ପହଂଚି ଅତାଳକ ତଢ଼ାଉ କରିଥିଲେ । ତଢ଼ାଉ ସମୟରେ ପୁଇସାଗୁଡ଼ି ଗାଁର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ଏକ ପାହାଡ଼ୀ ସ୍ଥାନରେ କିଛି ବ୍ୟକ୍ତି ଗଞ୍ଜେଇ ବ୍ୟାଗ ସହିତ କିଛି ଆଲୋଚନା କରୁଥିବାରୁ ପୋଲିସ ଦଳ ଦେଖିବା ପରେ ସେମାନଙ୍କ ପାଖକୁ ଯିବା ମାତ୍ରେ ସେମାନେ ମୁଣ୍ଡ ଏଡ଼ାଇ କାଢ଼ିବାରେ ଲାଗିଲେ । ଏହା ଦେଖି ପୋଲିସ କର୍ମଚାରୀ ମାନେ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଧରିବାରେ ସଫଳ ହୋଇଥିଲେ । ଏ ନେଇ ଉକ୍ତ ଗିରଫ ଦୁଇ ଜଣଙ୍କ ନାମରେ ବାଲିଗୁଡ଼ା ପୋଲିସ କେସ୍ ନଂ.୬୫/୨୬ ପ୍ରକାରେ ୟୁଏସ. ୧୯୧(୨)/୧୯୧(୩)/୧୨୧(୧)/୧୩୨/୧୦୯/୧୯୦ ବି ଏନ ଏସ/୨୫/୨୬ ଅସ୍ତ୍ରଶସ୍ତ୍ର ଆଇନ/୨୦(ଖ) (ସସ)(ଗ) ଏନଡିପିଏସ୍ ଆଇନ ବଳରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଘଟଣାରେ ଅନ୍ୟ କେଉଁ ମାନେ ସଂଶ୍ଳିଷ୍ଟ ଅଛନ୍ତି, ସେ ନେଇ ତଦନ୍ତ ଅବ୍ୟାହତ ରଖା ଯାଇଥିବା ବିଷୟ ସ୍ଥାନୀୟ ଏସ ଡି ପି ଓ ଶୁଭମ ଲୋସଲେ ପ୍ରକାଶ କରିଛନ୍ତି ।

ବଜେଟ୍ ୨୦୨୬-୨୭କୁ ନେଇ ଜଗତସିଂହପୁରରେ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ

ଜଗତସିଂହପୁର, ୦୯/୦୩ (ଆ.ପ୍ର) : ଚଳିତ ବର୍ଷର ରାଜ୍ୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ମାନ୍ୟବର ଶିକ୍ଷ, ବଣ୍ଡରା ବିକାଶ ଓ ବୈଜ୍ଞାନିକ ଶିକ୍ଷା ସମ୍ପଦ ରତ୍ନ ସ୍ୱାର୍ଣ୍ଣ ଜଗତସିଂହପୁରରେଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଆଲୋଚନା କରିଛନ୍ତି । ସର୍କିଟ ହାଉସ ଠାରେ ଆୟୋଜିତ ଏହି ପ୍ରେସ ମିଟରେ ମନ୍ତ୍ରୀ ଶ୍ରୀ ସ୍ୱାର୍ଣ୍ଣ ଏବଂ ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ବଜେଟ୍ ୨୦୨୬-୨୭ ର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ମନ୍ତ୍ରୀ କହିଲେ ଯେ, ଚଳିତ ଆର୍ଥିକ ବର୍ଷର ବଜେଟ୍‌ର ପରିମାଣ ମୋଟ୍ ୩.୧୦ ଲକ୍ଷ କୋଟି ରହିଛି, ଯାହା ଓଡିଶା ଇତିହାସରେ ସର୍ବାଧିକ । 'ସବଳା ସାଥି, ସବଳା ବିକାଶ'ନୁ ପ୍ରାଥମିକତା ଦିଆଯାଇ ରାଜ୍ୟର ସମସ୍ତ ବର୍ଗଙ୍କୁ ସୁହାଇଲା ଭଳି ବଜେଟ୍ ପ୍ରସ୍ତୁତ ହୋଇଛି । ବିଶେଷକରି ଯୁବବର୍ଗ, ମହିଳା, କୃଷକ, ଜନଜାତି ଓ ମଧ୍ୟବିତ୍ତଙ୍କୁ ସଶକ୍ତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଶିଳ୍ପାୟନ, ପର୍ଯ୍ୟଟନ ଏବଂ ଭିତ୍ତିଭୂମିର ବିକାଶକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି । ଏହାସହିତ ନିଯୁକ୍ତି ସୃଷ୍ଟି, ଉତ୍ପାଦକତା ବୃଦ୍ଧି ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ବ୍ୟାପକ ପରକ୍ଷେପ ଗ୍ରହଣ କରିଛନ୍ତି । ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜାତୀୟ ହାର ତୁଳନାରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ପ୍ରକୃତ ଜିଏସଡିପି ଅଭିବୃଦ୍ଧି ହାର ୭.୯% ରହିଛି, ଯାହା ୨୦୨୪-୨୫ ର ୭.୨% ତୁଳନାରେ ଅଧିକ ଏବଂ ଏହା ଜାତୀୟ ହାର ୭.୪% ଠାରୁ ମଧ୍ୟ ଅଧିକ । ରାଜ୍ୟର ମୁଣ୍ଡପିଛା ଆୟ ୯.୨% ବୃଦ୍ଧି ପାଇ ପ୍ରାୟ ୧ ଲକ୍ଷ ୮୬ ହଜାର ଟଙ୍କାରେ ପହଂଚିଛି । ଓଡ଼ିଶାର ଅର୍ଥନୀତିରେ କୃଷି କ୍ଷେତ୍ରର ଅବଦାନ ୧୯.୬% ରହିଛି, ଯାହା ଜାତୀୟ ହାର ୧୬.୮% ଠାରୁ ଅଧିକ । ୨୦୨୫ ରେ ୫ ଲକ୍ଷ ୬୬ ହଜାର କୋଟିର ୨୪୪ ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହା ଦ୍ୱାରା ମାଧ୍ୟମରେ ଶୀଘ୍ର ପ୍ରକଳ୍ପ ମଞ୍ଜୁରୀ, ଜମି ପ୍ରଶାସନ, କ୍ଷେତ୍ରୀୟ ଲାଇସେନ୍ସ ପ୍ରଦାନରେ ସଂସ୍କାର, ଲଜ ଅପ୍ ଡ୍ରଇଟ ବିଜିନେସରେ ଉଚ୍ଚମ ପ୍ରଦର୍ଶନ ଭଳି ପରକ୍ଷେପ ନିଆଯାଇଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାର୍ଣ୍ଣ ଚଳିତ ବଜେଟର କିଛି ଭଲୁଖନୀୟ ପରକ୍ଷେପ ଓ ଯୋଜନା ସମ୍ପର୍କରେ ବିବରଣୀ ଦେଇଥିଲେ । ଆଦର୍ଶ ମଣ୍ଡି, ଭିତି ଜି ରାମଜୀ, ଜନଜାତି ଜୀବିକା ମିଶନ, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ମୁଖ୍ୟମନ୍ତ୍ରୀ ଜନ୍ୟା ସୁମଙ୍ଗଳ ଯୋଜନା, ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା, ବିରଳ ମୃତିକା ଜରିଡ଼, ପୁରାରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ଓ ବ୍ୟାଖ୍ୟାନ କେନ୍ଦ୍ର, ଓଡ଼ିଶା ଏଆଇ ମିଶନ, ଡାଲଖାଇ ଯୋଜନା, ପିଏମ୍ ପୋଷଣ, ସୁଭଦ୍ରା ଶକ୍ତି ସମ୍ବାଦ, ଫିଟ୍ ଇଣ୍ଡିଆ ମିଶନ, ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ, ଆଧୁନିକ ଶସ୍ୟ ଗୋଦାମ ନିର୍ମାଣ, ମୁଖ୍ୟମନ୍ତ୍ରୀ କାମକୋଦ୍ଦ ଯୋଜନା, ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା, ଆଡ଼ିବାଲ ଡିଆରି ଯୋଜନା, ସେତୁ ବନ୍ଧ ଯୋଜନା ଭଳି କିଛି ନୂତନ ଯୋଜନା ସମ୍ପର୍କରେ ମନ୍ତ୍ରୀ ଉଲ୍ଲେଖ କରିଥିଲେ । ଶିକ୍ଷାର ଉନ୍ନତି ପାଇଁ ଏତିହ୍ୟ ବିଦ୍ୟାଳୟ, ଗୋବାଚରାଣ ମିଶ୍ର ଆଦର୍ଶ ବିଦ୍ୟାଳୟ, ପିଏମ ଶ୍ରୀ ସ୍କୁଲ, ଫଂଚସଖା ଶିକ୍ଷା ସେତୁ, ମାଧ୍ୟୋ ସିଂ ହାତଖର୍ଚ୍ଚ ଯୋଜନା, ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନାରେ ଅର୍ଥି ଖର୍ଚ୍ଚ ହେବ । ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ନିର୍ମଳ, ନିରାମୟ ଓ ନିବାନ ଯୋଜନା, ଅଟଳ ରକ୍ତ ଦାନ ଅଭିଯାନ, ମୁଖ୍ୟମନ୍ତ୍ରୀ କର୍ଜନ ଚିକିତ୍ସା ଅଭିଯାନ ପାଇଁ ବଜେଟରେ ବ୍ୟୟବରାଦ ହୋଇଛି । ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ମଧ୍ୟ ବଜେଟରେ ବ୍ୟବସ୍ଥା ରଖିଛି । ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ବୃଦ୍ଧାଶ୍ରମ, ମଧୁବାବୁ ପେନସନ୍ ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାର୍ଣ୍ଣ ପ୍ରେସ ମିଟରେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଜିଲ୍ଲାର ବିକାଶ ଓ ରାଜ୍ୟ ବଜେଟକୁ ନେଇ ମନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ଚନ୍ଦ୍ରା ମହାନ୍ତି , ସୂଚନା ଓ ଲୋକସମ୍ପର୍କ ବିଭାଗ ର କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଯାଜପୁର ଟାଉନ୍ ଥାନାରେ ନୂତନ ଅତିରିକ୍ତ ଥାନା ଅଧିକାରୀ ଭାବେ ଭୁବନମୋହନ ସେଠୀ ନିଯୁକ୍ତି



ଯାଜପୁର, ୦୯/୦୩ (ଆ.ପ୍ର) : ଯାଜପୁର ଟାଉନ୍ ଥାନାରେ ନୂତନ ଅତିରିକ୍ତ ଥାନା ଅଧିକାରୀ ଭାବେ ଭୁବନମୋହନ ସେଠୀ ଯୋଗଦେଇଛନ୍ତି । ବାଲେଶ୍ୱର ଜିଲ୍ଲା ରେ ସବ୍ ଇନ୍‌ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ । କାର୍ଯ୍ୟରତ ସମୟରେ ଜଣେ ବରିଷ୍ଠ ପୋଲିସ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି ।

ଟାର୍ଗେଟ ଫିଲପ ପାଇଁ ରାତିରେ ହେଲମେଟ ଚେକିଂ

ଜାଜପୁର, ୦୯/୦୩ (ଆ.ପ୍ର) : ପୁରୀ ଜିଲ୍ଲାର ଅନ୍ତରଙ୍ଗ ଅଂଚଳରେ ଏବେ ରାତିରେ ହେଲମେଟ ଚେକିଂ ନାମରେ ଚାଲିଛି ବ୍ୟାପକ ଜରିମାନା ଆଦାୟ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଦିନକୁ ଟ୍ରାଫିକ ନିୟମ ପାଳନ କରାଇବାରେ ପୋଲିସ ଅନୁସାହୀ ଥିବାବେଳେ ରାତିରେ ହଠାତ୍ ଚେକିଂ ଜରି ଟାର୍ଗେଟ ପୂରଣ ପାଇଁ ଜରିମାନା କଟାଯାଉଛି । ସାଧାରଣ ଲୋକ କହୁଛନ୍ତି ଯେ, ସଡ଼କ ସୁରକ୍ଷା ନାମରେ ଯଦି ଚେକିଂ ହୁଏ ତେବେ ତାହା ସ୍ୱାଗତଯୋଗ୍ୟ । କିନ୍ତୁ କେବଳ ଟାର୍ଗେଟ ଫିଲପ ପାଇଁ ରାତିରେ ଲୋକଙ୍କୁ ଅଟକାଇ ଜରିମାନା କରିବାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ସ୍ଥାନୀୟ ଅଂଚଳବାସୀଙ୍କ ଦାବି, ଯଦି ପୋଲିସ ସତ୍ୟରେ ସଡ଼କ ସୁରକ୍ଷା ନେଇ ଗଭୀର, ତେବେ ଦିନକୁ ସଚେତନତା ଅଭିଯାନ ଚାଲିବା ସହିତ ଦୁର୍ଘଟଣା ପ୍ରବଣ ସ୍ଥାନରେ ନିୟମିତ ଚେକିଂ କରିବା ଆବଶ୍ୟକ । ଏହା ସହିତ ପ୍ରଶ୍ନ ଉଠୁଛି ରାତିରେ ହେଲମେଟ ଚେକିଂ ସଡ଼କ ସୁରକ୍ଷା ପାଇଁ, ନା କେବଳ ଟାର୍ଗେଟ ପୂରଣ ପାଇଁ ? ଏହି ଘଟଣାକୁ ନେଇ ଏବେ ଅନ୍ତରଙ୍ଗ ଅଂଚଳରେ ଚର୍ଚ୍ଚା ଜୋର ଧରିଛି ଏବଂ ପୋଲିସର କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠୁଛି ।

ଅବସରପ୍ରାପ୍ତ ଶିକ୍ଷକ ଓ ରାଜନେତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା

ଜି.ଉଦୟଗିରି, ୦୯/୦୩ (ଆ.ପ୍ର) : ସ୍ଥାନୀୟ ଅଂଚଳର ଅବସରପ୍ରାପ୍ତ ଶିକ୍ଷକ ପୂର୍ଯ୍ୟକାନ୍ତ ନାୟକଙ୍କ ଅକାଳ ବିୟୋଗ ହୋଇଛି ଯାହା ଫଳରେ ଆଜି ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଶିକ୍ଷକତା କରି ବହୁ ଛାତ୍ର ଛାତ୍ରୀଙ୍କୁ ଭଲ ମଣିଷ କରିବାରେ ସହାୟକ ହୋଇଥିବା ବେଳେ ନିଜ ଶିକ୍ଷକଙ୍କ ବିୟୋଗରେ ବହୁ ଛାତ୍ର ଛାତ୍ରୀ ଦୁଃଖ ପ୍ରକାଶ କରିଥିଲେ । ସୂଚନା ଅନୁସାରେ ନିଜ ବାସ ଭାବନରେ ହିଁ ମୃତ୍ୟୁ ବରଣ କରିଥିଲେ । ସେ ଜଣେ ମିଷ୍ଟ ଭାଷୀ ପରୋପକାରୀ ସମାଜସେବୀ ତଥା ରାଜନେତା ଭାବେ ଅଂଚଳରେ ସମସ୍ତଙ୍କ ପାଖରେ ପ୍ରିୟ ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗ ଖବର ପାଇ ବହୁ ରାଜନୈତିକ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିଥିଲେ ।

ଜାତୀୟ ମହିଳା ଦିବସରେ ପ୍ରତିମା ପୁରସ୍କୃତ

ନବରଙ୍ଗପୁର, ୦୯/୦୩ (ଆ.ପ୍ର) : ଜାତୀୟ ମହିଳା ଦିବସ ଅବସରରେ ଆଜି ନବରଙ୍ଗପୁର ସରୋଜିନୀ ପଂଚାୟତ ଭବନ ଠାରେ ଅନୁଷ୍ଠିତ ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭ ଉଦଘାଟନ କରିଥିବା ବେଳେ ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀ ଶଙ୍କର ମାଝୀ,ନବରଙ୍ଗପୁର ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ବୃହ ଯଥା ଜିଲ୍ଲାପାଳ ମହେଶ୍ୱର ସ୍ୱାର୍ଣ୍ଣ, ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କର୍ଦ୍ଦିର ପ୍ରମୁଖ ଉପସ୍ଥିତ ରହି ଥିଲେ । ଆଜି ମହିଳା ଦିବସ ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗର କର୍ମଚାରୀ ମାନେ ନିଜ ନିଜ ସେବା ପ୍ରଦାନରେ ସଫଳତା ଆଣି ଲୋକଙ୍କୁ ସେବା ଯୋଗାଇ ଆସିଥିବା ବେଳେ ସେମାନଙ୍କୁ ଜିଲ୍ଲା ପ୍ରଶାସନ ପୁରସ୍କୃତ କରି ସମ୍ମାନିତ କରିଥିଲା । ତେବେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳା ମାନଙ୍କୁ ସେବା ଯୋଗାଇ ସଫଳତାର ଶୀର୍ଷରେ ପହଂଚିଥିବା ବଳାଙ୍ଗିରି ଶିଶୁ ବିକାଶ ଅଧିକୃତ ଚକାମାଲ ଅଙ୍ଗନବାଡି କେନ୍ଦ୍ର-୨ ର ଅଙ୍ଗନବାଡି କର୍ମୀ ପ୍ରତିମା ଗୋସାଙ୍କୁ ଜିଲ୍ଲା ପ୍ରଶାସନ ମାନପତ୍ର ସହ ସୁଭଦ୍ରାଙ୍କ ପଟ୍ଟଚିତ୍ର ପ୍ରଦାନ କରିଥିଲେ । ଆଜି ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରିବାକୁ ଯାଇଥିବା ବେଳେ ପ୍ରତ୍ୟେକ ଯୋଗ୍ୟ ମହିଳା ମାନଙ୍କୁ ଯେକଳି ଆହୁରି ଏହି ଯୋଜନାରେ ସାମିଲ କରିବାକୁ ଉପସ୍ଥିତ କର୍ମୀ ଓ କର୍ମଚାରୀ ମାନଙ୍କୁ ସମ୍ମାନ କଲ୍ୟାଣ ଅଧିକାରୀ ଅବଗତ କରାଇ ଥିଲେ ।

ମାଧମ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

ରାଇକିଆ, ୦୯/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ମଣ୍ଡାଛିଆ, ବୃଡ଼ିଗିଂଡ଼ିଆ, ଗ୍ରାମାଛାଡ଼ା,ଗୁଣ୍ଡଦଡ଼ିଓ ଯେଗଟଗାଖ ଫଂଚାୟତ ରେ ମାଧମ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଫଂଚାୟତ ମାନଙ୍କରେ ୬୦୦ରୁ ଊର୍ଦ୍ଧ ମହିଳା ମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ, ନାରୀଙ୍କ ସାମାଜିକ ଓ ଆର୍ଥିକ ଅଗ୍ରଗତି ସହ ନିଜ ଅଧିକାର ସମ୍ପର୍କରେ ସଚେତନତା ଉପରେ ଆଲୋଚନା କରାଯାଇଥିଲା । ମହିଳାମାନେ ସମାଜ ଗଠନ ଓ ପରିବାରର ଉନ୍ନତିରେ ମୁଖ୍ୟ ଭୂମିକା ଅଦାଏ ସେମାନଙ୍କୁ ଆତ୍ମନିର୍ଭର ଓ ସଶକ୍ତ କରିବା ଆବଶ୍ୟକ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ସ୍ଥାନୀୟ ଲୋକପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଫଂଚାୟତ କାର୍ଯ୍ୟକାରୀଣୀ ଅଧିକାରୀ, ଓ ମାଧମ ଫାଉଣ୍ଡେସନର ପ୍ରୋଜେକ୍ଟ ମୁଖ୍ୟ -ସଙ୍ଗୀତା ଜୁମାର ଓଷ୍ଟଗିରି, ସୌଭାଗ୍ୟ କୁମାର ମିଶ୍ର, ବିଷ୍ଣୁ ଚରଣ ସାହୁ, ପ୍ରୋଜେକ୍ଟ ସଂଯୋଜକ ଜନକର ପରିଡ଼ା, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟଜିତ ରାଓ, ନମିତା ପ୍ରଧାନ, ପ୍ରଜ୍ଞା ପରିମିତାଙ୍କ ସହ ବୁଲର ଗଣ୍ଡଓମ, ସ୍ୱିଆରପି ଓ ଏମମିଲେ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସଭାରେ ମହିଳାମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱାବଲମ୍ବନ ଓ ସମାଜରେ ସମାନ ଅଧିକାର ସମ୍ପର୍କରେ ଜାଗୃତ କରାଯାଇଥିଲା ।

ସରକାରୀ ଜମି ଜବରଦଖଲ; ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ନୀରବ

ନିଶ୍ଚିନ୍ତକୋଇଲି, ୦୯/୦୩ (ଆ.ପ୍ର) : ନିଶ୍ଚିନ୍ତକୋଇଲି ତହସିଲ ନିଶ୍ଚିନ୍ତକୋଇଲି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧିନ ମୌଳା ନତକାଇ ,ପ୍ଲଟ ନଂ-୩୨୮୦,ରକ୍ଷିତ ଜଳାଶୟ-୨ରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଜବରଦଖଲ କରି ଗୃହ ନିର୍ମାଣ କରିଛନ୍ତି । ଏ ବାବଦରେ ସ୍ଥାନୀୟ ବାସିନ୍ଦା ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ ନିଶ୍ଚିନ୍ତକୋଇଲି ତହସିଲରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସରକାରୀ ଜମି ଜବରଦଖଲ କରିବା ସମ୍ବନ୍ଧରେ ଶ୍ରୀ ବିଶ୍ୱାଳ ତହସିଲ କାର୍ଯ୍ୟାଳୟରେ ଜଣାଇବାରେ ଉକ୍ତ ଅସାମାଜିକ ଯୁବକ ମାନେ ଶ୍ରୀ ବିଶ୍ୱାଳଙ୍କ ପିତା ସ୍ୱର୍ଗତ ଏକଦଣ୍ଡୀ ବିଶ୍ୱାଳ ନାମେ ମୌଳା ନତକାଇ ପ୍ଲଟ ନଂ-୩୨୮୧ରେ ଥିବା ୩ଡଗୋଟି ଫଳନ୍ତି ଗଛକୁ କାଟି ସେଇଥିଲେ । ଗତ ତା.୨୬.୦୨.୨୦୨୬ରିଖରେ ଏକ କେସିଟି ମେସିନ୍ ସାହାଯ୍ୟରେ କଟାଯାଇଥିବା ଗଛର ମୂଳକୁ ତଡ଼ାଯାଇଥିବା ଖବର ପାଇ ବିଶ୍ୱାଳ ପରିବାର ସେଠାରେ ପହଞ୍ଚି ତାଙ୍କୁ ବାରଣ କରିବା ସହ କେସିଟି ମେସିନକୁ ଅଟକ ରଖିଥିଲୁ । କୌଣସି ସୂତ୍ରରୁ ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ସେଠାରେ ପହଞ୍ଚି ଜେସିଟି ମେସିନକୁ ଜବାତ କେଇଥିଲେ । ସରକାରୀ ଜମି ଜବରଦଖଲ ବିରୁଦ୍ଧରେ ସ୍ୱର ଉଲେଖନ କରିବା ପାଇଁ ଟିପର ଆଣି ଦେଇଛି । ହେଲେ ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ନୀରବ ରହିଛି ? ଏହାର ପ୍ରତିବାଦରେ ଶ୍ରୀ ବିଶ୍ୱାଳ ତା.୦୬.୦୩.୨୦୨୬ରିଖରେ ତାଙ୍କୁ ନ୍ୟାୟପ୍ରଦାନ କର

ନିତ୍ୟ ଓଡ଼ିଆ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୦ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ପାଳିତ

କୋଲକାତା, ୯/୩(ନ୍ୟୁ.ଏ): ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାରା ଏହାର ମୁଖ୍ୟାଳୟ, ଗାର୍ଡେନ ରିଚ୍ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଅତ୍ୟନ୍ତ ଜାଙ୍ଜମର ସହିତ ପାଳନ କରାଯାଇଥିଲା । ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ । ଏହି ଅବସରରେ ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୌମିତ୍ର ମଜୁମଦାର, ଅତିରିକ୍ତ ମହାପ୍ରବନ୍ଧକ, ବିଭାଗର ପ୍ରମୁଖ ମୁଖ୍ୟ ଏବଂ ବିଭିନ୍ନ ବିଭାଗର ମହିଳା କର୍ମଚାରୀମାନେ ଉପସ୍ଥିତ ଥିଲେ । ଏସ୍ଇ ରେଳବାଇର ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ତଥା ମହୁଆ ବର୍ମା କାର୍ଯ୍ୟକ୍ରମରେ ସଞ୍ଚାଳିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ଏସ୍ ଇଆରର ୫୩ ଜଣ ମହିଳା କର୍ମଚାରୀଙ୍କୁ ସେମାନଙ୍କ ନିଜ ନିଜ କାର୍ଯ୍ୟରେ ଉତ୍କୃଷ୍ଟନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଏହି ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ର ବିଷୟବସ୍ତୁ ହେଉଛି – 'ଲାଭ କରିବାକୁ ଦିଅ' । ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ମିଶ୍ର ସମଗ୍ର ଦକ୍ଷିଣ ପୂର୍ବ ରେଳବାଇରେ ସେବା କରୁଥିବା ପ୍ରାୟ ୭,୬୦୩ ଜଣ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ । ସେହି ପୁରସ୍କାରପ୍ରାପ୍ତମାନଙ୍କୁ ସେମାନଙ୍କ ସମର୍ପଣ, ଆନ୍ତରିକତା ଏବଂ କଠିନ ପରିଶ୍ରମ ପାଇଁ ମଧ୍ୟ ପ୍ରଶଂସା କରିଥିଲେ । ମହାପ୍ରବନ୍ଧକ କହିଛନ୍ତି ଯେ ଅନ୍ତର୍ଜାତୀୟ ମହିଳା ଦିବସ ହେଉଛି ମହିଳାମାନଙ୍କର ସାମାଜିକ ଅର୍ଥନୈତିକ ଏବଂ ରାଜନୈତିକ ସଫଳତାକୁ ପାଳନ କରିବାର ଏକ ଅବସର । ଏସ୍, ଇ. ରେଳବାଇରେ ମହିଳା କର୍ମଚାରୀମାନେ ଟ୍ରାକ୍ ରକ୍ଷଣା ବେକ୍ଷଣକାରୀ, ପଏଂଟସମାନ୍ୟ ଲୋକୋ ପାଇଲଟ୍, ଗାର୍ଡ, ଷ୍ଟେସନ ମ୍ୟାନେଜର ଇତ୍ୟାଦି ସୁରକ୍ଷା ବର୍ଗରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ମହିଳା ଆରପିଏଫ୍ କର୍ମଚାରୀମାନେ ମଧ୍ୟ ଅତ୍ୟନ୍ତ ଭଲ କାର୍ଯ୍ୟ କରୁଛନ୍ତି । ବିଗତ ବର୍ଷସୁଦ୍ଧିକରେ, ମୁଖ୍ୟାଳୟ, ସମସ୍ତ ଡିଭିଜନ ଏବଂ କର୍ମଶାଳା ମହିଳା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଯାଂଚ, ରକ୍ତଦାନ ଶିବିର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହି ଅବସରରେ ମୁଖ୍ୟାଳୟର ସାଂସ୍କୃତିକ ଦଳ ଦ୍ୱାରା ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

'୧୦ଟି ଆଇସିସି ଟ୍ରଫି ଜିତିବାକୁ ଚାହୁଁଛି' : ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ, ୯/୩(ନ୍ୟୁ.ଏ): ୨୦୨୩ ବିଶ୍ୱକପ୍ ଫାଇନାଲ କଥା ମନେ ପଡ଼ିଲେ ଛାତି ଧକ୍ ଧକ୍ ହେଉଥିଲା । ସେହି ମୋଟେରା ଷ୍ଟାଡିୟମ, ପୁଣି ଏକ ବାଉଣ୍ଡାରି ଲାଇନ୍ । କ'ଣ ହେବ ପରାଫଳ ? ଶୁଭ ଓ ଅଶୁଭର ଅନ୍ଧବିଶ୍ୱାସରେ ଛନ୍ଦି ହେଉଥିଲା ମନ । ହେଲେ ଭାରତ ପ୍ରମାଣ କରି ଦେଖାଇଦେଲା ଟି-ଟ୍ୱେଣ୍ଟିରେ ସେ ସର୍ବଶ୍ରେଷ୍ଠ ଟିମ୍ । ହିଣ୍ଡ୍ରୀ ରିପିଟ୍ କଲା ହିଣ୍ଡ୍ରୀ ରିପିଟ୍ ବି କଲା । ବ୍ୟାକ୍ ଟୁ ବ୍ୟାକ୍ ଟି-ଟ୍ୱେଣ୍ଟି ବିଶ୍ୱକପ ଜିତିଛି ଭାରତ । ଏହି ଦମଦାର ବିଜୟ ପରେ ପ୍ରତିକ୍ରିୟା ଦେଇ ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି ଯେ ଆହୁରି ୧୦ ବର୍ଷ କ୍ରିକେଟ ଖେଳିବେ ଏବଂ ତାଙ୍କର ୧୦ଟି ଆଇସିସି ଟ୍ରଫି ଜିତିବାକୁ ଇଚ୍ଛା ଅଛି । ଭାରତର ଏହି ଷ୍ଟାର ଅଲରାଉଣ୍ଡର ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ୧୮ ରନ କରିଥିଲେ ଏବଂ ଗୋଟିଏ ୱିକେଟ ନେଇଥିଲେ । ଏହି ବିଶ୍ୱକପରେ ହାର୍ଦ୍ଦିକ ୨୭.୧୨ ହାରରେ ୨୧୭ ରନ କରିଥିଲେ ଏବଂ ତାଙ୍କ ନାମରେ ୯ଟି ୱିକେଟ ମଧ୍ୟ ରହିଛି । ସରୋଜ ମାଟିରେ ଟାଇଟଲ ଜିତିବା ବିଷୟରେ ପାଣ୍ଡ୍ୟା କହିଛନ୍ତି, 'ଏହା ଏକ ଅତ୍ୟନ୍ତ ଭାବପ୍ରବଣ ମୁହূର୍ତ୍ତ । ଭାରତରେ ବିଶ୍ୱକପ୍ ଜିତିବା ଏବଂ ଉତ୍ସାହ ଦେଖିବା ଆହ୍ୱାଦଜନକ । ମୋତେ ଆହୁରି ୧୦ ବର୍ଷ କ୍ରିକେଟ ଖେଳିବାର ଅଛି । ୧୦ଟି ଆଇସିସି ଟ୍ରଫି ଜିତିବାକୁ ଚାହେଁ । ଆମେ ଏଥିପାଇଁ ବହୁତ ପରିଶ୍ରମ କରିଛୁ । ଗତକାଲିଠାରୁ, ମୁଁ ନିଶ୍ଚିତ ଥିଲି ଯେ ଆମେ ଚାମ୍ପିଅନ୍ ହେବୁ । ମୋ ମନରେ କେବଳ ଗୋଟିଏ ବିଶ୍ୱାସ ଥିଲା । ଅନ୍ୟ କୌଣସି ପରାଫଳ ହେବ ନାହିଁ । ପରାଜୟର ଚିନ୍ତା କେବେ ମୋ ମନକୁ ଆସିନଥିଲା । ମୁଁ ଭଗବାନଙ୍କ ପାଖରେ କୃତଜ୍ଞ । ଯେତେବେଳେ ମୁଁ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୧୯ତମ ଓଭର ବୋଲିଂ କରୁଥିଲି, ସେତେବେଳେ ୨୦୨୪ ଟି୨୦ ବିଶ୍ୱକପ୍ ଫାଇନାଲ ମୋ ମନରେ ଥିଲା । ମୁଁ ଇଶାନ କିଶାନ ଏବଂ ଅଭିଷେକ ଶର୍ମାଙ୍କୁ ମଧ୍ୟ କହିଥିଲି ଯେ ସେମାନେ ବ୍ୟାଟିଂ କରିବାକୁ ଗଲେ ଭଲ ସୃଟ ବିଷୟରେ ଚିନ୍ତା କରନ୍ତୁ । ' ଟାଇଟଲ୍ ମ୍ୟାଚ୍‌ରେ ସଞ୍ଜୁ ସାମସନ୍ (୮୯) ଇଶାନ୍ କିଶାନ୍ (୫୪)ଙ୍କ ସହ ଦ୍ୱିତୀୟ ୱିକେଟ୍ ପାଇଁ ୪୮ ବଲରେ ୧୦୫ ରନ୍‌ର ପାର୍ଟନରସିପ୍ କରିଥିଲେ, ଯାହା ଭାରତକୁ ଏକ ବିଶାଳ ସ୍କୋର ଆଡ଼କୁ ନେଇଥିଲା । ସଞ୍ଜୁ ସାମସନ୍ ଏବଂ କିଶାନ୍ ?ଙ୍କ ବିଷୟରେ ଛଡି ପାଣ୍ଡ୍ୟା କହିଛନ୍ତି, 'ଜୀବନ ଏହା ଶିଖାଏ । ଯେତେବେଳେ ଆପଣ କଠିନ ପରିଶ୍ରମ କରନ୍ତି ଏବଂ ଅନ୍ୟମାନଙ୍କ ଖୁସିରେ ଖୁସି ରହିବା ଶିଖନ୍ତି, ଭଗବାନ ଆପଣଙ୍କୁ ସୁଯୋଗ ଦିଅନ୍ତି । ଏହା ସମଗ୍ର ଦେଶ ପାଇଁ ଏକ ଶିକ୍ଷା ଯେ ଯେତେବେଳେ ଆପଣ ବୃତ୍ତ ଚାପ୍ ପରିଶ୍ରମ କରିବେ, ଭଗବାନ ନିଶ୍ଚିତ ଭାବରେ ଆପଣଙ୍କୁ ସୁଯୋଗ ଦେବେ । ମୁଁ ସେମାନଙ୍କ ପାଇଁ ବହୁତ ଗର୍ବିତ । ' ହାର୍ଦ୍ଦିକ ପାଣ୍ଡ୍ୟା ୨୦୨୪ ଟି-୨୦ ବିଶ୍ୱକପ୍ ବିଜେତା ଦଳର ଅଂଶ ଥିଲେ । ସେହି ମ୍ୟାଚ୍‌ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶେଷ ଓଭର ବୋଲିଂ କରିଥିଲେ । ୨୦୨୬ ଟି-୨୦ ବିଶ୍ୱକପ୍‌ରେ, ଶେଷ ମୁହূର୍ତ୍ତରେ ତାଙ୍କ ହାତରେ ପୁଣି ଥରେ ବଲ୍ ଥିଲା । ଏହାର କିଏ ଚାମ୍ପିଅନ ହେବ ତାହା ତ ଭାଗ୍ୟ ନିର୍ଦ୍ଧାରଣ କରି ସାରିଥିଲା ବହୁ ପୂର୍ବରୁ । ମଝିରେ ଟିକିଏ ଝୁଟ୍‌ବିଟାଲୁ ପଡ଼ିଥିଲା ଭାରତକୁ, ଅପରାଜେୟ ଧାରାରେ ଲାଗିଥିଲା ଡ୍ରେଜ୍ । ତାହା କିନ୍ତୁ ବହୁ ଭଲ ଡେଡାଲ ଦେଇଥିଲା ଟିମ୍ ଇଣ୍ଡିଆକୁ । ବାସ୍, ତା ପରେ ଆଉ ଭାରତ ପଛକୁ ଫେରି ନଥିଲା । ଯେଉଁଭଳି ଭାବେ ଭାରତୀୟ ବ୍ୟାଟର ବୁର୍ଜଶ୍ୱ ବ୍ୟାଟିଂ କରିଥିଲେ, ତାହା ସେମାନଙ୍କର ନିର୍ଭୟ ପ୍ରୟାସକୁ ପ୍ରତିଫଳିତ କରିଥିଲା । ଶେଷରେ ପୁଣି ଏକ ଗୌରବର ନୂଆ ପର୍ବ ଯୋଡ଼ି ହୋଇଥିଲା ଭାରତୀୟ କ୍ରିକେଟ୍ ଇତିହାସରେ । ବିଶ୍ୱର ପ୍ରଥମ ଦଳ ଭାବେ ଜ୍ରମାନ୍ୱୟରେ ଦ୍ୱିତୀୟ ଏବଂ ମୋଟରେ ୩ ଥର ଚାମ୍ପିଅନ ହେବାର ଗୌରବ ଲାଭ କଲା ଭାରତ । ସବୁଠୁ ବଡ଼ କଥା ଥିଲା ପୂର୍ବରୁ କୌଣସି ଆୟୋଜକ ଦଳ ବିଶ୍ୱ ଚାମ୍ପିଅନ ହୋଇନଥିଲେ । ଏ ଧାରା ମଧ୍ୟ ଭାରତ ଭଙ୍ଗ କରି ନୂଆ ଇତିହାସ ଗଢିଲା । ମହେନ୍ଦ୍ର ସିଂ ଧୋନି (୨୦୦୭), ରୋହିତ ଶର୍ମା (୨୦୨୪) ଏବଂ ସୂର୍ଯ୍ୟକୁମାର ଯାଦବଙ୍କ (୨୦୨୬) ନେତୃତ୍ୱରେ ଦଳ ଚାମ୍ପିଅନ ହୋଇଛି ।

ବିଶ୍ୱକପ ଟ୍ରଫି ସହ ମନ୍ଦିରରେ ପୂଜାର୍ଚ୍ଚନା କଲେ ଗମ୍ଭୀର, ଜୟ ଶାହ ଓ ସୂର୍ଯ୍ୟ କୁମାର

ନୂଆଦିଲ୍ଲୀ, ୯/୩(ନ୍ୟୁ.ଏ): ଭାରତ ୧୯୮୩ ଓ ୨୦୧୧ରେ ବିଜୟୀ ଥିଲା । ୨୦୦୭ ଓ ୨୦୨୪ରେ ଟି-୨୦ ବିଶ୍ୱକପ ବି ଜିତିଥିଲା । ୨୦୨୬ରେ ମଧ୍ୟ ଭାରତ ଟି-୨୦ ବିଶ୍ୱକପ ଜିତିଛି । ହେଲେ ୧୯୮୩, ୨୦୧୧, ୨୦୦୭ ଓ ୨୦୨୪ରେ ଯାହା ଘଟି ନଥିଲା, ଏବେ ସେମିତି କିଛି ଘଟିଛି । ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ ଟି-୨୦ ବିଶ୍ୱକପ ଫାଇନାଲ ଜିତିଥିଲା । ଏଥିପରେ ଟ୍ରଫି ଧରି ଆଇସିସି ଅଧ୍ୟକ୍ଷ ଜୟ ଶାହ, ଭାରତୀୟ ଟିମର ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ସିଧା ଷ୍ଟାଡିୟମ ନିକଟରେ ଥିବା ହନୁମାନ ମନ୍ଦିରରେ ପହଞ୍ଚିଥିଲେ ।ସେମାନେ ମନ୍ଦିରରେ ଟ୍ରଫି ସହ ପୂଜାର୍ଚ୍ଚନା କରିଛନ୍ତି । ପୂର୍ବରୁ ବିଶ୍ୱକପ ଜିତିବା ପରେ କୌଣସି ଅଧିନାୟକ କିମ୍ବା କୋଚ କେବେ ବି ଏମିତି କରି ନଥିଲେ । ସେମାନେ ଟ୍ରଫି ସହ ରାଲି କରି ଦେଶବାସୀଙ୍କ ମଧ୍ୟରେ ଖୁସି ବାଂଟିଥିଲେ । ଦେଶ ଜିତୁଥିବା ଟ୍ରଫି ସମସ୍ତ ଭାରତୀୟଙ୍କ ପାଇଁ ସେମାନେ ଚିନ୍ତା କରୁଥିଲେ । ହେଲେ ଏବେ ଟି-୨୦ ବିଶ୍ୱକପ ଟ୍ରଫି ସହ ଭାରତୀୟ ଟିମର କୋଚ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟ କୁମାର ମିଳିତ ଭାବେ ଆଇସିସି ଅଧ୍ୟକ୍ଷଙ୍କ ସହ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବାକୁ ବିଲିକୁ ମହଲରେ ନିନ୍ଦା କରିଛନ୍ତି । ୧୯୮୩ରେ ପ୍ରଥମରର ପାଇଁ ଦେଶ ପାଇଁ ବିଶ୍ୱକପ ଜିତିଥିବା ଦଳର ସଦସ୍ୟ କାର୍ତ୍ତି ଆଜାଦ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ତାଙ୍କ କହିବା କଥା ଯେ ନିଜର ଆସ୍ଥା ଦୃଷ୍ଟିଶୂନ୍ୟ ଅଧିନାୟକ, କୋଚ ଓ ଅନମାନାନ ବିଜୟ ପରେ ମନ୍ଦିରରେ ଈଶ୍ୱରଙ୍କ ଆଶୀର୍ବାଦ ନେବାରେ କୌଣସି ଅସୁବିଧା ନାହିଁ । କିନ୍ତୁ ଟ୍ରଫି ଧରି ମନ୍ଦିରକୁ ଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ଆଜାଦ କହିଛନ୍ତି, "ଟିମ ଇଣ୍ଡିଆକୁ ଲଜ୍ଜା । ଆମେ ଯେତେବେଳେ ୧୯୮୩ରେ କପିଲ ଦେବଙ୍କ ନେତୃତ୍ୱରେ ବିଶ୍ୱକପ ଜିତିଥିଲୁ ସେତେବେଳେ ଦଳରେ ଆମ ସହ ହିନ୍ଦୁ, ମୁସଲିମ, ଶିଖ ଓ ଖ୍ରୀଷ୍ଟିୟାନ ରହିଥିଲେ । ଆମେ ଟ୍ରଫିକୁ ଆମର ଧାର୍ମିକ ଜନ୍ମ ସ୍ଥାନ 'ଆମ୍ରା' ଲଣ୍ଡିଆ, ଭାରତ ଓ ହିନ୍ଦୁସ୍ଥାନକୁ ଆଣିଥିଲୁ । କାହିଁକି ଏବେ ଭାରତୀୟ କ୍ରିକେଟ ଟ୍ରଫିକୁ ଏବେ ଦେଖେଡ଼ା ଯାଉଛି ? କାହିଁକି ଗୋଟିଏ ମସଜିଦ, କାହିଁକି ଗୋଟିଏ ଚର୍ଚ୍ଚ, କାହିଁକି ଗୋଟିଏ ଗୁରୁଦ୍ୱାରକୁ ଏହାକୁ ନିଆଯାଉନି ? ଏହି ଟିମ ଭାରତକୁ ପ୍ରତିନିଧିତ୍ୱ କରୁଛି । ଏହା ସୂର୍ଯ୍ୟ କୁମାର ଯାଦବ କିମ୍ବା ଜୟ ଶାହଙ୍କ ପରିବାରକୁ ପ୍ରତିନିଧିତ୍ୱ କରୁନାହିଁ । ମହମ୍ମଦ ସିରାଜ ଟ୍ରଫି ଧରି ଜେବେ ମସଜିଦକୁ ଯାଇ ନାହାନ୍ତି । ସଞ୍ଜୁ ସାମସନ ଏହାକୁ ତର୍ଜ ନେଇ ନାହାନ୍ତି । ସଞ୍ଜୁ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ମ୍ୟାନ ଅଫ ଦି ସିରିଜ ଜିତିଥିଲେ । ଏହି ଟ୍ରଫି ୧୪୦ କୋଟିଏ ଭାରତୀୟଙ୍କର । ସବୁ ଧର୍ମର ଲୋକଙ୍କର ଏହି ଟ୍ରଫି । ଏହା ଜେବେ ହେଲେ ଗୋଟିଏ ଧର୍ମର ବିଜୟ ନୁହେଁ !" ଆହୁରି ଅନେକ ଲୋକ ମଧ୍ୟ ଟ୍ରଫି ସହ ମନ୍ଦିରରେ ପୂଜାର୍ଚ୍ଚନାକୁ ପସନ୍ଦ କରିନାହାନ୍ତି ।

ଟ୍ରୋଲରଙ୍କୁ ଧୋଇଲେ ଟିମ୍ ଇଣ୍ଡିଆ ଗୌତମ ଗମ୍ଭୀର

ନୂଆଦିଲ୍ଲୀ, ୯/୩(ନ୍ୟୁ.ଏ): ସୋସିଆଲ ମିଡିଆରେ ଟ୍ରୋଲରଙ୍କୁ କଡ଼ା ଜବାବ ଦେଇଛନ୍ତି ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର । କିଛି ଦିନ ହେବ ଟ୍ରୋଲିଂର ସମ୍ମୁଖୀନ ହେଉଥିବା ଗୌତମ ଗମ୍ଭୀର କହିଛନ୍ତି, ମୋର ଦାୟିତ୍ୱ ସୋସିଆଲ ମିଡିଆ ପାଇଁ ନୁହେଁ, ଡ୍ରେସିଂ ରୁମ୍ ର ସେହି ୩୦ ଖେଳାଳି ପାଇଁ । ସେ କହିଛନ୍ତି ଯେ ତାଙ୍କର ଦାୟିତ୍ୱ ସୋସିଆଲ୍ ମିଡିଆରେ ଥିବା ଲୋକମାନଙ୍କ ପାଖରେ ନୁହେଁ, ବରଂ ଡ୍ରେସିଂ ରୁମ୍ ରେ ଥିବା ସେହି ୩୦ ଜଣ ଖେଳାଳିଙ୍କ ପାଖରେ । ଖାଲି ଏତିକି ନୁହେଁ 'ଏକ ଜୋର୍ ତାଙ୍କ ବଳ ଯେତେ ଭଲ ଖେଳେ, ସେତେ ଭଲ ହୁଏ । ଖେଳାଳିମାନେ ମୋତେ ଏହି ପରି ଜୋର୍ ହେବାରେ ସହାୟତା କରିଛନ୍ତି ।' ଟିମ୍ ଇଣ୍ଡିଆ ବିଶ୍ୱକପ୍ ଜିତିବା ପରେ ସାମ୍ବାଦିକ ସମ୍ମିଳନୀରେ ସର୍ବମଧ୍ୟମ କ୍ୟାପଟେନ୍ ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ବି ପ୍ରଶ୍ନ କରିଥିଲା । ଏହାର ଜବାବ ଦେଇ ସେ କହିଛନ୍ତି ଜି, ବ୍ୟକ୍ତିଗତ ସ୍କୋର ନୁହେଁ ଟିମ୍ ର ପ୍ରଦର୍ଶନ ବହୁତୁ ବଡ଼ ପ୍ରସଙ୍ଗ ହେବା ଉଚିତ୍ । ୨୦୨୬ ଟି-୨୦ବିଶ୍ୱକପ ଫାଇନାଲ୍ ଜିତି ଭାରତ ବିଶ୍ୱ ବିଜୟୀ ହୋଇଛି । ଏ ପର୍ଯ୍ୟନ୍ତ ବିଶ୍ୱରେ କେବଳ ୫ଥର ଗୋଟିଏ ଦଳ ଗୋଟିଏ ଇନିଂସରେ ୨୫୦ରିଆ ଗା'ଠାରୁ ଅଧିକ ସ୍କୋର କରିଛି । ଟିମ୍ ଇଣ୍ଡିଆ ଏହି ୫ଥର ମଧ୍ୟରୁ ୩ଥର ଏହି ସଫଳତା ପାଇଛି । ଭାରତ ବିଶ୍ୱର ପ୍ରଥମ ଦେଶ ଯିଏ ଟି-୨୦ ବିଶ୍ୱକପ୍ ମ୍ୟାଚ୍ରେ ତିନୋଟି ପୃଥକ ଥର ୨୫୦+ ସ୍କୋର କରିଛି । ଟିମ୍ ଇଣ୍ଡିଆର ଏହି ସଫଳତା ମଧ୍ୟ ସ୍ୱତନ୍ତ୍ର କାରଣ ଭାରତୀୟ ଦଳ ଗୋଟିଏ ବିଶ୍ୱକପରେ ତିନି ଥର ୨୫୦ରିଆ ଗା'ଠାରୁ ଅଧିକ ସ୍କୋର କରିଛି । ଭାରତ ଫାଇନାଲରେ ୨୫୫ରନ କରିଥିଲା, ଯାହା ଟି-୨୦ ବିଶ୍ୱକପ ଫାଇନାଲ ଇତିହାସରେ ସର୍ବାଧିକ ସ୍କୋର । ଏହା ପୂର୍ବରୁ ସର୍ବାଧିକ ବଡ଼ ସ୍କୋର ୧୭୬ରନ୍ ଥିଲା । ଯାହା ଟିମ୍ ଇଣ୍ଡିଆ ୨୦୨୪ବିଶ୍ୱକପ ଫାଇନାଲରେ ମଧ୍ୟ କରିଥିଲା । ଏବେ ଟିମ୍ ଇଣ୍ଡିଆ ନିଜ ରେକର୍ଡ଼କୁ ଭାଙ୍ଗି ୨୫୫ରନ୍‌ରେ ପହଞ୍ଚିଲା । ନ୍ୟୁଜିଲାଣ୍ଡକୁ ୨୦୨୬ ଟି-୨୦ ବିଶ୍ୱକପ ଫାଇନାଲରେ ୯୬ ରନରେ ହରାଇ ଭାରତ ବନି ଯାଇଛି ବିଶ୍ୱ ବିଜେତା । ୨୦୨୪ରେ ରୋହିତ ଶର୍ମା କାର୍ଯ୍ୟରେରେ ଟି-୨୦ ବିଶ୍ୱକପ ଜିତି ସ୍ୱଦେଶ ଆସିଥିଲେ । ଏବେ ସୂର୍ଯ୍ୟ କୁମାର ଯାଦବ ଭାରତରେ ଏହାକୁ ଜିତି ବିଦେଶକୁ ଟ୍ରଫି ଯିବାକୁ ଦେଇ ନାହାନ୍ତି । ଏଥିସହ ଗତିନ୍ତ ରମଜାନ ମାସରେ ପୂରା ଦେଶବାସୀଙ୍କୁ ଟି-୨୦ ବିଶ୍ୱକପ ଜିତି ଆଗୁଆ ଈଦି ମଧ୍ୟ ଦେଇଛି ଟିମ ଇଣ୍ଡିଆ ।

ଲୋକଙ୍କ ଘର ଉପରେ ମାରାତ୍ମକ ଧଳା ଫସଫରସ ମାଡ଼ କରୁଛି ଇସ୍ରାଏଲ

ନୂଆଦିଲ୍ଲୀ, ୯/୩(ନ୍ୟୁ.ଏ): ପଶ୍ଚିମ ଏସିଆରେ ଯୁଦ୍ଧ ତୀବ୍ରତ ହେଉଥିବା ବେଳେ ଗୋଟିଏ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଦକ୍ଷିଣ ଲେବାନନ୍ ?ର ଆବାସିକ ଅଂଚଳରେ ଆକ୍ରମଣ ପାଇଁ ଇସ୍ରାଏଲ ପକ୍ଷରୁ ମାରାତ୍ମକ ଦହନଶୀଳ ଅସ୍ତ୍ରର ବ୍ୟବହାର କରାଯାଇଛି । ମାର୍ଚ୍ଚ ୩ ତାରିଖରେ ଦକ୍ଷିଣ ଲେବାନନ୍‌ର ଯୋହମୋର ସହରରେ ଇସ୍ରାଏଲ ସେନା ଅବୈଧ ଭାବେ ଧଳା ଫସଫରସ ଗୋଲାକୁ ବିଛିନ୍ନ ଲୋକଙ୍କ ଘର ଉପରେ ଡୋପ୍ ଦ୍ୱାରା ମାଡ଼ କରିଛନ୍ତି । ଏନେଇ ମାନବାଧିକାର ସଂଗଠନ ପକ୍ଷରୁ ଦାବି କରାଯାଇଛି । ସଂଗଠନ ଦାବି କରିଛି ଯେ ଆବାସିକ ଅଂଚଳରେ ଧଳା ଫସଫରସ ମାଡ଼ କରାଯାଇଥିବାର ୭ଟି ଫଟୋ ରହିଛି । ଫସଫରସ ଯୋଗୁ ୨ଟି ଘର ଓ ଗୋଟିଏ କାରରେ ମଧ୍ୟ ନିଆଁ ଲାଗିଥିଲା । ଏହାକୁ ନିଭାଇବା ପାଇଁ ଅଗ୍ନିଶମ ବାହିନୀ ଉଦ୍ୟମ କରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି । ଧଳା ଫସଫରସ୍ ଏକ ଅତ୍ୟନ୍ତ ବିପଜ୍ଜନକ ଗାଢ଼ାୟନିକ ପଦାର୍ଥ, ଯାହା ବାୟୁ ସଂସ୍ପର୍ଶରେ ଆସିଲେ ଜଳିବାକୁ ଲାଗେ ଓ ଏହା ଗମ୍ଭୀର ଶାରୀରିକ କ୍ଷତି ମଧ୍ୟ ପଂଚାଇଥାଏ । ଯୁଦ୍ଧ ବେଳେ ଏହାର ବ୍ୟବହାର କରି ଇସ୍ରାଏଲ ସବୁ ପ୍ରଚଳିତ ନିୟମକୁ ଲଙ୍ଘନ କରିଥିବା ଅଭିଯୋଗ ହୋଇଛି । ହ୍ୟୁମାନ ରାଇଟ୍ସ ୱାଚରେ ଥିବା ରମିଜ ଜୈସ କହିଛନ୍ତି, "ଆବାସିକ ଅଂଚଳରେ ଇସ୍ରାଏଲ ସେନା ବେଆଇନ ଭାବେ ବ୍ୟବହାର କରୁଥିବା ଧଳା ଫସଫରସ ଅତ୍ୟନ୍ତ ବିନ୍ଧାଳକ ଓ ସାଧାରଣ ଲୋକଙ୍କ ପାଇଁ ଘାତକ ମଧ୍ୟ ସାବ୍ୟସ୍ତ ହୋଇପାରେ । ଧଳା ଫସଫରସ ଯୋଗୁ ଅଗ୍ନିକାଣ୍ଡ ଘଟିବା ସହ ଜୀବନ ଯିବାର କିମ୍ବା ଜୀବନ ବ୍ୟାପୀ ଶାରୀରିକ କ୍ଷତିର ଆଶଙ୍କା ରହିଛି ।" ମାର୍ଚ୍ଚ ୩ରେ ଇସ୍ରାଏଲ ପକ୍ଷରୁ ୨ଟି ଡୋପରୁ ଜନବସତିକୁ ଟାର୍ଗେଟ କରି ଧଳା ଫସଫରସ ମାଡ଼ କରାଯାଇଥିଲା । ଡୋପରୁ ବାହାରୁ ଥିବା ଗୋଳାରେ ଥିବା ଧଳା ଫସଫରସ ଆକାଶ ପଥରେ ବିସ୍ଫୋରଣ ହେବା ସହ ବିଛିନ୍ନ ଘର ଓ ଗାଡ଼ି ଉପରେ ପଡୁଥିବା ଫଟୋ ମଧ୍ୟ ସାମ୍ନାକୁ ଆସିଛି । ପ୍ରଥମେ ପ୍ରବଳ ଧୂଆଁ ବାହାରିବା ସହ ଛିଛି ସ୍ଥାନ ମଧ୍ୟ ଧଳା ଫସଫରସ ପ୍ରଭାବରେ ଜଳିବାରେ ଲାଗିଥିଲା । ଧଳା ଫସଫରସ ଇସ୍ରାଏଲ ମାଡ଼ କରିବା ଅଭିଯୋଗରେ ଯଥେଷ୍ଟ ସତ୍ୟତା ରହିଛି । କାରଣ ଏପରି ପଦକ୍ଷେପ ନେବା ପୂର୍ବରୁ ଇସ୍ରାଏଲ ପକ୍ଷରୁ ସାଧାରଣ ଲୋକଙ୍କୁ ବେଗୁଚର ଦକ୍ଷିଣ ଲେବାନନ ସମେତ ହେଜବୋଲ୍ଲା ନିୟନ୍ତ୍ରିତ ଅଂଚଳରୁ ଅନ୍ୟତ୍ର ଚାଲି ଯିବାକୁ କୁହାଯାଇଥିଲା । ଇରାନ ସମର୍ଥିତ ହେଜବୋଲ୍ଲା ବିରୋଧରେ ଇସ୍ରାଏଲ ନିର୍ଦ୍ଧାୟକ ଲଢ଼େଇ ଆରମ୍ଭ କରିଥିବାରୁ ଏପରି ନିର୍ଦ୍ଦେଶ ଦେଇଥିଲା । ସେହିପରି ଆକ୍ରମଣ ପୂର୍ବରୁ ଦକ୍ଷିଣ ବେରୁଟରେ ଥିବା ସାଧାର